୬ ▶ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ରୋହିତ ଶର୍ମା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା ୮ ପୃଷ୍ଠା 8 Pages, ₹ 2.00

● ବର୍ଷ-୩୨ ● ସଂଖ୍ୟା-୯୯ ● ୮ ମଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-99 ● 8st May 2025, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# ଅପରେସନ 'ସିନ୍ଦୂର' : ଆତଙ୍କବାଦୀଙ୍କୁ ଦିଆଯାଇଛି କଡ଼ା ଜବାବ



**ନୂଆଦିଲ୍ଲୀ, ୭/୫**

ପହଲଗାମ ଆକ୍ରମଣର ପ୍ରତିଶୋଧ ନେଇଛି ଭାରତ। ଆତଙ୍କବାଦୀଙ୍କୁ କଡ଼ା ଜବାବ ଦିଆଯାଇଛି। ପ୍ରତିଶୋଧ ସମୟରେ ହନୁମାନଙ୍କ ଆଦର୍ଶକୁ ପାଳନ କରାଯାଇଛି। ହନୁମାନ ଅଶୋକ ବାଟିକାରେ ଯାହା କରିଥିଲେ ତାହା କରିଛୁ। ଯିଏ ନିରୀହ ଲୋକଙ୍କୁ ମାରିଥିଲେ ସେମାନଙ୍କୁ ଟାର୍ଗେଟ କରିଛୁ। ଭାରତୀୟ ସେନା ଆମର ଗର୍ବ ଗୌରବ। ସଠିକ ଭାବେ ଭାରତୀୟ ସେନା ଏୟାରଷ୍ଟ୍ରାଇକ କରିଛି। କେବଳ ଆତଙ୍କବାଦୀଙ୍କ ଠିକଣାକୁ ଭାରତୀୟ ସେନା ଟାର୍ଗେଟ କରିଥିଲେ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରକାଶ କରିଛନ୍ତି।

ଅପରେସନ 'ସିନ୍ଦୂର' ପରେ ପ୍ରତିକ୍ରିୟା ରଖି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ଅପରେସନ 'ସିନ୍ଦୂର' ସମୟରେ ୨୫ ମିନିଟରେ (ପୃଷ୍ଠା ୭ରେ)

## ଅପରେସନ୍ ସିନ୍ଦୂର ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭/୫**
**ନ୍ୟୁଜ ବ୍ୟୁରୋ**

ଭାରତୀୟ ସେନାର ସାହସକୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅପରେସନ୍ ସିନ୍ଦୁର ନେଇ ଏକ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଆମ ସଂସ୍କୃତିରେ ସିନ୍ଦୁର କେବଳ ଏକ ପରମ୍ପରା ନୁହେଁ, ଏହା ତ୍ୟାଗ ଏବଂ ସଂକଳ୍ପର ପ୍ରତୀକ। ଏହି ଭାବନା ଆମ ସେନା ବାହିନୀଙ୍କ ମନରେ ରହିଛି। ବର୍ତ୍ତମାନ ଭାରତ କେବଳ ପ୍ରତିରକ୍ଷା କରୁନାହିଁ ବରଂ ଆତଙ୍କବାଦ ଉଚ୍ଛେଦ କରିବାକୁ ସମ୍ପୂର୍ଣ୍ଣ ଭାବରେ (ପୃଷ୍ଠା ୭ରେ)

# ବାଜିଲା ଯୁଦ୍ଧ ସାଇରନ୍



**ଭୁବନେଶ୍ୱର,୭।୫**
**ନ୍ୟୁଜ ବ୍ୟୁରୋ**

ଯୁଦ୍ଧ ପାଇଁ ମକ୍ ଡ୍ରିଲ୍ ହେବା ସହିତ ଭୁବନେଶ୍ୱର ସମେତ ରାଜ୍ୟର ୧୨ଟି ସ୍ଥାନରେ ଅପରାହ୍ନ ୪ଟାରେ ସାଇରନ୍ ବାଜିଛି । ଯୁଦ୍ଧ ହେଲେ କିପରି ପାରିପାର୍ଶ୍ୱିକ ସ୍ଥିତି ରହିବ ଏବଂ ଭୟଭୀତ ନହୋଇ କିଭଳି ନିଜକୁ ସୁରକ୍ଷିତ ରଖିବା ସହ ଅନ୍ୟକୁ ସୁରକ୍ଷିତ ରଖିବା ପାଇଁ ଚେଷ୍ଟା କରାଯିବ ତାହା ମକ୍ ଡ୍ରିଲ୍ ଜରିଆରେ ଜନସାଧାରଣଙ୍କୁ ସଚେତନ କରାଯାଇଛି।

ଭୁବନେଶ୍ୱର ସିଭିଲ ଡିଫେନ୍ସ ମକ୍ ଡ୍ରିଲ ଅପରାହ୍ନ ୪ଟାରେ ରାଜମହଲଛକରେ ଅନୁଷ୍ଠିତ ହୋଇଯାଇଛି । ବୋମା ବର୍ଷଣ ବେଳେ କ'ଣ କରିବେ ତାହାର ପରାମର୍ଶ ଦିଆଯାଇଛି । ଏହି ସମୟରେ ସୁରକ୍ଷାକାରୀ ଦଳ ଅଭ୍ୟାସ କରି ସମସ୍ତଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ବୋମା ମାଡ ହେଲେ କିଭଳି ତଳେ ଶୋଇପଡି କାନକୁ ବନ୍ଦ କରି ନିଜକୁ ସୁରକ୍ଷିତ ରଖିବ ସେନେଇ ଅଭ୍ୟାସ କରି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

ଏହି ସମୟରେ ଭୁବନେଶ୍ୱର ସମେତ ସମ୍ବଲପୁର, ରାଉରକେଲା, କେନ୍ଦ୍ରାପଡ଼ା, ପାରାଦୀପ, ବାଲେଶ୍ୱରରେ ସାଇରନ୍ ବାଜିଥିଲା । ଯୁଦ୍ଧ ପ୍ରସ୍ତୁତି ପାଇଁ ଏପରି ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ରାଜଧାନୀ ଭୁବନେଶ୍ୱରରେ ସାଇରନ ବାଜିଥିଲା । ଏଥିସହିତ ଏକାସାଙ୍ଗରେ ରାଜ୍ୟର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ ଏହି ଯୁଦ୍ଧ ସାଇରନ ବାଜିଥିଲା। ବୋମା ବର୍ଷଣ ବେଳେ ଜନସାଧାରଣଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ ପରାମର୍ଶ ଦିଆଯାଇଥିଲା। ଯୁଦ୍ଧ ହେଲେ ଜନସାଧାରଣ କିପରି ନିଜ ଧନଜୀବନକୁ ସୁରକ୍ଷିତ ରଖିବେ ସେ ନେଇ ଆଜିର ଏହି ମକ୍‌ଡ୍ରିଲ୍ ଜରୀଆରେ ସଚେତନ କରାଯାଇଥିଲା। ଏଥିରେ କେହି ଭୟଭୀତ ହେବାର ନାହିଁ ବୋଲି ପରାମର୍ଶ ଦିଆଯାଇଥିଲା। ପୁଣି ଥରେ ୪ ଟା ୩୦ ମିନିଟ୍ ସମୟରେ ପୁନର୍ବାର ଶେଷ ଆଲର୍ଟ ନିମନ୍ତେ ଗୋଟିଏ ସାଇରନ ବଜିଥିଲା। ଏହି କାର୍ଯ୍ୟକ୍ରମର ବହୁଳ ପ୍ରଚାର ପ୍ରସାର କରି ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଯଦିଓ ଏହି ଅଭ୍ୟାସ ସତର୍କତାମୂଳକ ଏବଂ ଭାରତର ଦୀର୍ଘକାଳୀନ ଜାତୀୟ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀଙ୍କ ୩ ୟୁରୋପୀୟ ରାଷ୍ଟ୍ର ଗସ୍ତ ବାତିଲ

**ନୂଆଦିଲ୍ଲୀ, ୭/୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୩ ୟୁରୋପୀୟ ରାଷ୍ଟ୍ର ଗସ୍ତ ବାତିଲ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କ୍ରୋଏସିଆ, ନରୱେ ଓ ନେଦରଲ୍ୟାଣ୍ଡସ୍ ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ମେ' ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ୟୁରୋପୀୟ ରାଷ୍ଟ୍ର ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତ କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିଲା। ଏସବୁ ୟୁରୋପୀୟ ଦେଶ ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିବା ନେଇ ସୂଚନା ମିଳିଛି।

## ମେ' ୧୨ ସୁଦ୍ଧା ସିବିଏସ୍‌ଇ ଫଳ

**ଭୁବନେଶ୍ୱର, ୭/୫**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ମେ' ୧୨ ସୁଦ୍ଧା ପ୍ରକାଶ ପାଇବାର ସମ୍ଭାବନା ରହିଛି। ଦଶମରେ ପ୍ରାୟ ୨୪.୧୨ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବାବେଳେ ଦ୍ୱାଦଶରେ ୧୭.୮୮ଲକ୍ଷ ବିଦ୍ୟାର୍ଥୀ ଫର୍ମ ପୂରଣ କରିଥିଲେ। ଦଶମ ଶ୍ରେଣୀ ପରୀକ୍ଷା ଫେବୃୟାରୀ ୧୫ରୁ ମାର୍ଚ୍ଚ ୧୮ପର୍ଯ୍ୟନ୍ତ ଚାଲିଥିଲା। ସେହିଭଳି ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବୃୟାରୀ ୧୫ରୁ ଏପ୍ରିଲ ୪ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଦଶମ ଓ ଦ୍ୱାଦଶରେ ମୋଟ ୪୨ ଲକ୍ଷ ବିଦ୍ୟାର୍ଥୀଙ୍କ ପାଇଁ ୨୬ରାଜ୍ୟରେ ୭୮୪୨ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଅନ୍ୟପଟେ ଉଭୟ ଶ୍ରେଣୀର ଛାତ୍ରଛାତ୍ରୀ ଡିଜିଲକରରେ ମାର୍କସିଟ୍, ସାର୍ଟିଫକେଟ୍ ଏବଂ ମାଇଗ୍ରେସନ୍ ସାର୍ଟିଫିକେଟ୍ ରଖିପାରିବେ। କୌଣସି ସ୍ଥାନରେ ସାର୍ଟିଫିକେଟ୍ (ପୃଷ୍ଠା ୭ରେ)

# ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀଙ୍କ ବୈଠକ




**ନୂଆଦିଲ୍ଲୀ, ୭/୫**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଜମ୍ମୁ-କଶ୍ମୀର, ପଞ୍ଜାବ ଏବଂ ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସରକାରୀ ଅଧିକାରୀଙ୍କ ସହିତ ଏକ ବୈଠକ କରିଛନ୍ତି। ଭିଡିଓ କନଫରେନସିଂ ଜରିଆରେ ଗୃହମନ୍ତ୍ରୀ ଶ୍ରୀ ଶାହ ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ବୈଠକ କରିଥିଲେ। ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ, ପଶ୍ଚିମବଙ୍ଗ ଏବଂ ଲଦାଖର ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳମାନଙ୍କ ସହିତ ଏହି ବୈଠକରେ ଗୃହମନ୍ତ୍ରୀ ଶ୍ରୀ ଶାହ ଆଲୋଚନା କରିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ସାମିଲ ହୋଇଥିଲେ।

ଜମ୍ମୁ-କଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ବିହାର, ସିକିମ ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ। ଜମ୍ମୁ-କଶ୍ମୀର ଏବଂ ଲଦାଖ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳମାନେ ମଧ୍ୟ ଉପସ୍ଥିତ ଥିଲେ। ଗୃହମନ୍ତ୍ରୀ ଶ୍ରୀ ଶାହଙ୍କ ସହିତ ବୈଠକରେ ଉକ୍ତ ରାଜ୍ୟଗୁଡ଼ିକର ମୁଖ୍ୟ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକ ମଧ୍ୟ ଉପସ୍ଥିତ ଥିଲେ।

ଅପରେସନ ସିନ୍ଦୁର ଆରମ୍ଭ ହେବା ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏହା ଆସିଛି, ଯାହା ଅଧୀନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଯାଇଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଦ୍ୱାରା ଆରମ୍ଭ କରାଯାଇଥିବା ଅପରେସନ ସିନ୍ଦୁର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଶ୍ରୀ ଶାହ ପୂର୍ବରୁ ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ କଥା ହୋଇଥିଲେ। (ପୃଷ୍ଠା ୭ରେ)

# ରାଷ୍ଟ୍ରପତିଙ୍କୁ ଭେଟିଲେ ମୋଦି



**ନୂଆଦିଲ୍ଲୀ, ୭/୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ଭବନରେ ଭେଟି ଅପରେସନ ସିନ୍ଦୁର ବିଷୟରେ ସୂଚନା ଦେଇଛନ୍ତି। ଏହି ଅପରେସନ ଭାରତୀୟ ସେନା, ବାୟୁସେନା ଏବଂ ନୌସେନାର ମିଳିତ କାର୍ଯ୍ୟ ଥିଲା, ଯେଉଁଥିରେ ପାକିସ୍ତାନ ଅଧୀନସ୍ଥ କଶ୍ମୀରରେ ଥିବା ଆତଙ୍କବାଦୀ ଶିବିର ଉପରେ ମିସାଇଲ ମାଡ କରାଯାଇଥିଲା। ସୂଚନା ଅନୁଯାୟୀ, ମୋଦୀ କ୍ୟାବିନେଟ ବୈଠକ ପରେ ରାଷ୍ଟ୍ରପତିଙ୍କୁ ଏହି ଅପରେସନର ସଫଳତା ଏବଂ ଏହାର ଗୁରୁତ୍ୱ ବିଷୟରେ ଅବଗତ କରାଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ମୋଦିଙ୍କ କ୍ୟାବିନେଟରେ ଏହି ଅପରେସନ ଦେଶ ପାଇଁ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଥିଲେ।

ଅପରେସନ ସିନ୍ଦୁରରେ ମୁଜାଫରାବାଦ, କୋଟଲି, ଭିମ୍ବେର ଏବଂ ସିଆଲକୋଟରେ ଥିବା ଲସ୍କର-ଏ-ତୋଏବା, ଜୈଶ-ଏ-ମହମ୍ମଦ ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଆତଙ୍କବାଦୀ ସଂଗଠନର ଶିବିରକୁ ଟାର୍ଗେଟ କରାଯାଇଥିଲା। ସରକାର ଏହି ଅପରେସନ ବିଷୟରେ ଆଲୋଚନା ପାଇଁ ଗୁରୁବାରରେ ସଂସଦୀୟ ଲାଇବ୍ରେରୀ ଭବନରେ ସର୍ବଦଳୀୟ ବୈଠକ ଡାକିଛନ୍ତି।

ଅନ୍ୟପକ୍ଷରେ, ଅପରେସନ ସିନ୍ଦୂର ନାମରେ ସେନା ଦ୍ୱାରା ଚାଲିଥିବା ଏହି ଅପରେସନ ସମ୍ପର୍କରେ (ପୃଷ୍ଠା ୭ରେ)

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

# ଦକ୍ଷତା ବିକାଶ ପାଇଁ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଜାତୀୟ ଉତ୍କର୍ଷ କେନ୍ଦ୍ର



**ଭୁବନେଶ୍ୱର, ୭/୫**
**ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶରେ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଲାଗି ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶରେ ଥିବା ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ପାଇଁ ଏକ ଜାତୀୟ ଯୋଜନାକୁ କ୍ୟାବିନେଟ ମଞ୍ଜୁରି ମିଳିଛି । ସେହିପରି କେନ୍ଦ୍ର ପ୍ରାୟୋଜିତ ଯୋଜନା ମାଧ୍ୟମରେ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି । ଭୁବନେଶ୍ୱରରେ ମଧ୍ୟ ଗୋଟିଏ କେନ୍ଦ୍ର ପ୍ରତିଷ୍ଠା ହେବ ।

ଶିଳ୍ପ ତାଲିମ ପ୍ରତିଷ୍ଠାନଗୁଡ଼ିକର ଉନ୍ନତିକରଣ ଏବଂ ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ । ୨୦୨୪-୨୫ ଓ ୨୦୨୫-୨୬ ବଜେଟରେ କରାଯାଇଥିବା ଘୋଷଣା ଅନୁରୂପ ହେବ । ଏହାକୁ ୬୦ ହଜାର କୋଟି ଟଙ୍କାର ବଜେଟ ସହିତ କେନ୍ଦ୍ର ପ୍ରାୟୋଜିତ ଯୋଜନା ରୂପେ କାର୍ଯ୍ୟକାରୀ କରାଯିବ । ଏଥିରେ କେନ୍ଦ୍ର ଅଂଶଧନ (ପୃଷ୍ଠା ୭ରେ)

# ଇ-ଏଫ.ଆଇ.ଆର, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



**ଭୁବନେଶ୍ୱର, ୭/୫**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଦେଶର ତିନୋଟି ନୂଆ ଅପରାଧିକ ଆଇନ୍‌ର ଫଳପ୍ରଦ କାର୍ଯ୍ୟକାରୀତା ସମ୍ପର୍କରେ ସମୀକ୍ଷା କରିଛନ୍ତି।

ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଜିରୋ ଏଫ.ଆଇ.ଆର ଉପରେ ଗୁରୁତ୍ୱାରୋପ କରିବା ସହ ଇ-ଏଫ.ଆଇ.ଆର, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହିତ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇ ପାରିବ। ଏଥିପାଇଁ ଜେଲ୍, ହସ୍ପିଟାଲ, ଫରେନସିକ୍ ଲ୍ୟାବ, କୋର୍ଟ ଇତ୍ୟାଦିକୁ ଭିଡିଓ (ପୃଷ୍ଠା ୭ରେ)

## ବଢ଼ିଲା ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ କାର୍ଯ୍ୟକାଳ

**ନୂଆଦିଲ୍ଲୀ, ୭/୫**

ସିବିଆଇ ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ ଗୋଟିଏ ବର୍ଷ ପାଇଁ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ମନୋନୟନ କମିଟିର ସୁପାରିସ ଆଧାରରେ କ୍ୟାବିନେଟର ନିଯୁକ୍ତି କମିଟି ଶ୍ରୀ ସୁଦଙ୍କ କାର୍ଯ୍ୟକାଳ ୨୪ ମଇ ପରେ ଆଉ ଗୋଟିଏ ବର୍ଷ ପାଇଁ ବୃଦ୍ଧିକୁ ଅନୁମୋଦନ କରିଛି। ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିର୍ଦ୍ଦେଶକ ପ୍ରବୀଣ ସୁଦଙ୍କ କାର୍ଯ୍ୟକାଳକୁ ଏକ ବର୍ଷ ବୃଦ୍ଧି କରାଯାଇଛି। ଶ୍ରୀ ସୁଦ ୨୫ ମଇ, ୨୦୨୩ରେ ଦୁଇ ବର୍ଷ ପାଇଁ ସିବିଆଇ ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ମନୋନୟନ କମିଟିର (ପୃଷ୍ଠା ୭ରେ)

## ଏକାଳ ପଖାଳ



ପାକିସ୍ତାନ ଏବେ ହାହାକାର
ଦେଖି ଅପରେସନ 'ସିନ୍ଦୂର'
ଆତଙ୍କୀ ଦେଶକୁ ଏମିତି ଆହୁରି
ବହୁତ ଷ୍ଟ୍ରାଇକ୍ ଦର୍କାର
ଇଏତ ଆରମ୍ଭ ମାତର
ଧର୍ମ ଜଣେଇକି ଆହୁରି ମାରିବ
ପରାକ୍ରମୀ ସେନା ଆମର ।।

# ବିଜୁଙ୍କ ଅବଦାନକୁ ସମ୍ମାନ ଜଣାଇଲା ଋଷ୍



**ଭୁବନେଶ୍ୱର, ୭/୫**
**ନ୍ୟୁଜ ବ୍ୟୁରୋ**

ବିଜୁ ବାବୁଙ୍କୁ ମନେ ପକାଇଲା ଋଷ୍ । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରିଛି ଋଷ୍ । ନୂଆଦିଲ୍ଲୀରେ ଥିବା ଋଷିଆ ହାଉସରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚିତ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ସୋଭିଏତ ୟୁନିୟନକୁ ସହାୟତା ଲାଗି ସ୍ୱର୍ଗତ ବିଜୁ ବାବୁଙ୍କୁ ମିଳିଛି ସମ୍ମାନ। ନାଜିବାଦ ବିରୁଦ୍ଧରେ ଋଷର ବିଜୟର ୮୦ ତମ ବାର୍ଷିକୀ ଉତ୍ସବ ପାଳନ ଆରମ୍ଭ ହୋଇଛି । ଏଥିପାଇଁ ମେ'୯ ତାରିଖରେ ମସ୍କୋରେ ବିଶାଳ ଆୟୋଜନ ହେଉଛି ।ଏହି ଆୟୋଜନରେ ଜଣେ ମହାନ ଓଡ଼ିଆଙ୍କ ଅବଦାନକୁ କୃତଜ୍ଞତା ସହ ମନେ ପକାଇଛି ଋଷ । ସେ ଓଡ଼ିଆ ବୀର ହେଉଛନ୍ତି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁ ବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ଆଜି ପୁଣି ଗୁଞ୍ଜରିତ ହୋଇଛି । ନୂଆଦିଲ୍ଲୀର ଋଷ ଦୂତାବାସ, ଋଷିଆ ହାଉସର ବର୍ଣ୍ଣାଢ୍ୟ ପରିବେଶରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି । ଷ୍ଟାଲିନ ଗ୍ରାଡ଼ ଅଭିଯାନରେ ବିଜୁ ବାବୁଙ୍କ ଅବଦାନକୁ ସମ୍ମାନ ଜଣାଇଛି ଋଷ୍ । ଋଷିଆ ହାଉସରେ ବୁଧବାର ସକାଳେ ଆୟୋଜିତ ହୋଇଥିଲା ଏହି ଭବ୍ୟ ଉତ୍ସବ। ଏଥିରେ ମୁଖ୍ୟ ଅତିଥି (ପୃଷ୍ଠା ୭ରେ)

# ୯ରୁ ବଢ଼ିବ ତାତି : ୮ ଜିଲ୍ଲାକୁ କାଳବୈଶାଖୀ ସତର୍କତା



**ଭୁବନେଶ୍ୱର, ୭/୫**
**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ' ୧୩ରେ ଦକ୍ଷିଣ-ଆଣ୍ଡାମାନ ସାଗରକୁ ଛୁଇଁବ। ଦକ୍ଷିଣ-ବଙ୍ଗୋପସାଗରର କିଛି ଅଞ୍ଚଳ ଏବଂ ନିକୋବର ଦୀପପୁଞ୍ଜ ଅଞ୍ଚଳକୁ ଆଗାମୀ ୧୩ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ଅଗ୍ରସର ହେବ। ଏଥିପାଇଁ ପାଗ ଅନୁକୂଳ ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ପକ୍ଷରୁ ସୂଚନା ଦିଆଯାଇଛି। ତେବେ ମୌସୁମୀ ବାୟୁ କେବେ କେରଳ ଛୁଇଁବ ସେ ସଂକ୍ରାନ୍ତରେ ଆଇଏମଡି ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ତେବେ ସାଧାରଣତଃ ଆଣ୍ଡାମାନ ସାଗର ଛୁଇଁବାର ୨ ସପ୍ତାହ ମଧ୍ୟରେ ଅର୍ଥାତ୍ (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୮ ମଇ ୨୦୨୫ ଗୁରୁବାର





# ପିଲାଙ୍କ ପିଠିରେ ବଢୁଛି ବିଦ୍ୟାଳୟର ଭାରୀ ବସ୍ତାନୀ ଚାପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜିର ଶିକ୍ଷା ବ୍ୟବସ୍ଥାରେ ଯେଉଁଠି ଗୁଣାତ୍ମକ ମାନ ଉପରେ ଗୁରୁତ୍ୱ ଦିଆଯାଏ, ସେଠାରେ ଏକ ଅଦୃଶ୍ୟ ବିପଦ ଆମ ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶକୁ ଗଭୀର କ୍ଷତି ପହଞ୍ଚାଉଛି । ଏ ବିପଦ ହେଉଛି ବିଦ୍ୟାଳୟର ଭାରୀ ବସ୍ତାନୀ। ଯେଉଁ ବସ୍ତାନୀ ଚାପରେ ଚେପା ହୋଇଯାଉଛି ଶୈଶବ ! ସରକାର, କୋର୍ଟ, ଆଇନ କାନୁନର ବାରମ୍ବାର ତାଗିଦ ଯେମିତି ନିଷ୍କ୍ରିୟ ଓ ପ୍ରଭାବଶୂନ୍ୟ ହୋଇଛି । ପିଲାଙ୍କ ପିଠିରୁ ବସ୍ତାନି ବୋଝ କମାଇ ଏକ ସୁସ୍ଥ ଶୈଶବ ଫେରାଇବାରେ ଆମେ ଯେମିତି ଅକ୍ଷମ ପାଲଟିଯାଇଛୁ ।



ଜାତୀୟ ଶିକ୍ଷା ନୀତି ୨୦୨୦ରେ ସ୍କୁଲ ବ୍ୟାଗର ଓଜନ ହ୍ରାସ କରିବା ପାଇଁ ବ୍ୟବସ୍ଥା ଅଛି । ଏହା ବ୍ୟତୀତ କେନ୍ଦ୍ର ସରକାର, ମାଡ୍ରାସ ହାଇକୋର୍ଟ, ଓଡିଶା ହାଇକୋର୍ଟ, ଓଡିଶା ସରକାର ଆଦି ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । କିଛିଦିନ ସ୍କୁଲ ଦାଣ୍ଡରେ ଦଣ୍ଡି ଧରି ବ୍ୟାଗ ଓଜନ ମାପିବା ଧରପଗଡ ଚାଲେ। ଗଣମାଧ୍ୟମରେ ଖବର ପ୍ରକାଶ/ ପ୍ରସାର ହୁଏ। ପୁଣି କିଛିଦିନ ପରେ ଅବସ୍ଥା ଶୀତଳ ପଡିଯାଏ ! ଏହି ଚିରାଚରୀତ ବ୍ୟବସ୍ଥା ଓ ଶିକ୍ଷାର ପ୍ରତିଯୋଗିତା ଆମ ଶିଶୁଙ୍କ ପିଠିରୁ ବସ୍ତାନି ବୋଝ ହାଲୁକା କରିପାରେ ନାହିଁ। ସ୍କୁଲ ବସ୍ତାନି କୋମଳମତି ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ଗଭୀର ପ୍ରଭାବ ପକାଉଛି। ଏହାକୁ ଉପଲବ୍ଧି କରି କେନ୍ଦ୍ର ସରକାର ଏକ୍ଷେତ୍ରରେ ଦୃଢ ପଦକ୍ଷେପ ଗ୍ରହଣ କରିଥିଲେ । ଏନେଇ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହେଲା ଏବଂ ଏହାକୁ କାର୍ଯ୍ୟକାରୀ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଗଲା। ତେବେ ଓଡିଶା ସରକାର ଏହାକୁ କାର୍ଯ୍ୟକାରୀ ନକରିବାରୁ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ରାଜ୍ୟ ସରକାର ଏହି ନୀତି କାର୍ଯ୍ୟକାରୀ କରିବା ଲାଗି ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲେ । ସ୍କୁଲ ପିଲାଙ୍କ ବ୍ୟାଗ ଓଜନ ସମ୍ପର୍କରେ ୨୦୦୬ ମସିହାର ଏକ ବିଲ ନିର୍ଦ୍ଧାରଣ କରାଯାଇଥିଲା । କିନ୍ତୁ ଆଇନରେ ପରିଣତ ହୋଇନଥିଲା। ସେପ୍ଟେମ୍ବର ୨୦୧୬ରେ ଆସୋଚ୍ୟାମ୍ ରିପୋର୍ଟ ଅନୁସାରେ ପ୍ରାୟ ୬୮% ସ୍କୁଲ ପିଲା, ବିଶେଷକରି ୭-୧୩ ବର୍ଷ ବୟସର ପିଲା, ବ୍ୟାଗର ଅତ୍ୟଧିକ ଭାର ଯୋଗୁଁ ପିଠି ଯନ୍ତ୍ରଣା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ସେମାନଙ୍କ ବ୍ୟାଗର ଓଜନ ପିଲାମାନଙ୍କ ଶରୀର ଓଜନର ୪୦-୪୫ ପ୍ରତିଶତ ମଧ୍ୟରେ ଥାଏ । ଯାହା ଫଳରେ ଗୁରୁତର ମେରୁଦଣ୍ଡ କ୍ଷତି ଏବଂ ଅପରିବର୍ତ୍ତନୀୟ ପିଠି ସମସ୍ୟା ସୃଷ୍ଟି କରେ । ଅକ୍ଟୋବର ୨୦୧୬ରେ ଆସୋଚ୍ୟାମ୍ ଅଧ୍ୟୟନକୁ ଆଧାର କରି ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନ୍.ସି.ପି.ସି.ଆ.ର) ସିବିଏସ୍ଇ ଦ୍ୱାରା ଅନୁବନ୍ଧିତ ଦେଶର ସ୍କୁଲଗୁଡ଼ିକୁ ବ୍ୟାଗ ଓଜନ ହ୍ରାସ ପାଇଁ ନିର୍ଦ୍ଦେଶାବଳୀ ସ୍ଥିର କରିଥିଲା । ଏଥିରେ ରାଜ୍ୟ ସରକାରଗୁଡିକୁ ସ୍କୁଲଗୁଡ଼ିକରେ ପିଲାମାନଙ୍କ ପାଇଁ ଲକର ଯୋଗାଇବାକୁ ଉଲ୍ଲେଖ ଥିଲା । ନିର୍ଦ୍ଦେଶାବଳୀ ଖିଲାପି ହେଲେ ସ୍କୁଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ରହିଥିଲା। ନଭେମ୍ବର ୨୦୧୮ରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସମସ୍ତ ରାଜ୍ୟକୁ ଛାତ୍ରଙ୍କ ଶ୍ରେଣୀ ଅନୁସାରେ ସ୍କୁଲ ବ୍ୟାଗର ଓଜନ ସ୍ଥିର କରିବାକୁ ନିର୍ଦ୍ଦେଶନାମା ଜାରି କଲେ । ଯେଉଁଥିରେ ସ୍କୁଲଗୁଡ଼ିକରେ ଏନ୍.ସି.ଇ.ଆର.ଟି. ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟ କୌଣସି ବହିକୁ ଅନୁମତି ଦିଆଯିବ ନାହିଁ, ୧ ଓ ୨ ଶ୍ରେଣୀ ପିଲାଙ୍କ ସ୍କୁଲ ବ୍ୟାଗର ଓଜନ ୧.୫ କେଜି, ୩-୫ ଶ୍ରେଣୀ ପାଇଁ ୩ କେଜି, ୬ ଓ ୭ ଶ୍ରେଣୀ ପାଇଁ ୪ କେଜି, ୮ ଓ ୯ ପାଇଁ ୪.୫ କେଜି ଏବଂ ୧୦ମ ଶ୍ରେଣୀ ପିଲାଙ୍କ ବ୍ୟାଗ ଓଜନ ୫ କେଜି ରଖିବାକୁ ଧାର୍ଯ୍ୟ ହେଲା । ୨୯ ମଇ ୨୦୨୨ରେ ମାଡ୍ରାସ ହାଇକୋର୍ଟ ଏସମ୍ପର୍କିତ ଏକ ମାମଲାର ରାୟ ପ୍ରକାଶ କରି ସ୍କୁଲ ପିଲାଙ୍କ ବ୍ୟାଗ ବୋଝରେ ହ୍ରାସ ଏବଂ ଷ୍ଟାର୍ଡ-୧ ଓ ୨ ପିଲାଙ୍କୁ ହୋମୱାର୍କ ନଦେବା ପାଇଁ କେନ୍ଦ୍ର ସରକାରଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ୫ ଅକ୍ଟୋବର ୨୦୨୨ରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ସ୍କୁଲ ପିଲାଙ୍କ ବ୍ୟାଗ ଓଜନ ବିଲ-୨୦୦୬ ଅନୁସାରେ ଏକ ନୀତି ପ୍ରଣୟନ କରିବାକୁ ନିର୍ଦ୍ଦେଶ ଜାରି ହେଲା । ୨୩ ଡିସେମ୍ବର ୨୦୧୫- ସ୍କୁଲ ପିଲାଙ୍କ ପିଠିରୁ ବସ୍ତାନି ବୋଝ ହାଲୁକା କରିବାକୁ ଓଡିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହେଲା । ୧୬ ଫେବୃୟାରୀ ୨୦୧୬ରେ ମାମଲା ଗ୍ରହଣକରି କୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କଲେ । ୪ଫେବୃଆରୀ ୨୦୧୯ରେ କେନ୍ଦ୍ର ଜବାବ ଦାଖଲ କରି କୋର୍ଟଙ୍କୁ ଜଣାଇଲା ଯେ ଏସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକୁ ଏକ ନିର୍ଦ୍ଦେଶାବଳୀ ୨୦ ନଭେମ୍ବର ୨୦୧୮ରୁ ଜାରି କରାଯାଇଛି । ତେବେ ଓଡିଶା ସରକାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି କାହିଁକି ବୋଲି କୋର୍ଟ ଜବାବ ମାଗିଲେ । କୋର୍ଟଙ୍କ ନିର୍ଦ୍ଦେଶ ପରେ ୮ ମାର୍ଚ୍ଚ ୨୦୧୯ରେ ଓଡିଶା ସରକାର ତତକ୍ଷଣାତ୍ ଏକ ନିର୍ଦ୍ଦେଶନାମା ପ୍ରକାଶ କଲେ।

ପିତାମାତା ଏବଂ ଶିକ୍ଷକମାନେ କିଛି ସଙ୍କେତ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ । ଯଦି ପିଲାଟି ବାରମ୍ବାର ପିଠି, ବେକ କିମ୍ବା କାନ୍ଧ ଯନ୍ତ୍ରଣାର ଅଭିଯୋଗ କରେ, ବଙ୍କା ହୋଇ ଚାଲିବାକୁ ଆରମ୍ଭ କରେ, ସ୍କୁଲ ପରେ ବହୁତ କ୍ଲାନ୍ତ ଅନୁଭବ କରେ, କିମ୍ବା ଶାରୀରିକ କାର୍ଯ୍ୟକଳାପକୁ ଏଡ଼ାଇବା ଆରମ୍ଭ କରେ, ତେବେ ଏଗୁଡ଼ିକ ହେଭି ବ୍ୟାଗ ଜନିତ ଯନ୍ତ୍ରଣାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ । ଅନେକ ପିଲାଙ୍କ କ୍ଷେତ୍ରରେ, ଏହି ଯନ୍ତ୍ରଣା ଧୀରେ ଧୀରେ ସ୍ଥାୟୀ ପୋଷ୍ଚରାଲ ସମସ୍ୟାରେ ପରିଣତ ହୋଇପାରେ, ଯାହା ପରେ ଅର୍ଥୋପେଡିକ ଚିକିତ୍ସାର ଆବଶ୍ୟକତା ପଡ଼ିପାରେ। ଉପରାଷ୍ଟ୍ରପତି ଜଗଦୀପ ଧନଖର ୧୯ ଅକ୍ଟୋବର ୨୦୨୪ ରାଜସ୍ଥାନର ସିକରରେ ଆୟୋଜିତ ଏକ ଘରୋଇ ଶିକ୍ଷା ପ୍ରତିଷ୍ଠାନ କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ, ଶିକ୍ଷାର ବାଣିଜ୍ୟକରଣ ଏହାର ଗୁଣବତ୍ତା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି ଯାହା ଦେଶର ଭବିଷ୍ୟତ ପାଇଁ ଭଲ ନୁହେଁ । ମୁଁ ଚାରିପାଖରେ ଦେଖୁଛି ଯେ ଯାହା ଦାନଶୀଳ କାର୍ଯ୍ୟ ଭାବରେ ଆରମ୍ଭ ହୋଇଥିଲା ତାହା ଏବେ ବାଣିଜ୍ୟରେ ପରିଣତ ହୋଇଛି। ଶିକ୍ଷା ଏକ ବ୍ୟବସାୟ ହେବା ଦେଶର ଭବିଷ୍ୟତ ପାଇଁ ଭଲ ନୁହେଁ। ଶିକ୍ଷା କେବେ ଆୟର ଏକ ଉତ୍ସ ନୁହେଁ ବରଂ ଏକ ସୁସ୍ଥ ସମାଜ ଗଠନ ପାଇଁ ତ୍ୟାଗ ଏବଂ ଦାନର ଏକ ମାଧ୍ୟମ ଥିଲା ।" ସେ ଦୁଃଖ ପ୍ରକାଶ କରି କହିଲେ ଯେ "ଆଜି ଏହା ଏକ ସାମଗ୍ରୀ ପାଲଟିଛି ଯାହାକୁ ଲାଭ ପାଇଁ ବିକ୍ରି କରାଯାଉଛି ।" ଶିକ୍ଷାର ଲକ୍ଷ୍ୟ କେବଳ ଜ୍ଞାନ ପ୍ରଦାନ କରିବା ନୁହେଁ ବରଂ ପିଲାମାନଙ୍କୁ ଏକ ସୁସ୍ଥ ଏବଂ ସନ୍ତୁଳିତ ଜୀବନ ଆଡ଼କୁ ନେଇଯିବା। ଯଦି ଆମେ ପିଲାମାନଙ୍କ ପିଠିରେ ଏତେ ବୋଝ ଲଦିଦେବା, ସେମାନଙ୍କ ଆତ୍ମବିଶ୍ୱାସ, ଶାରୀରିକ ବିକାଶ ଏବଂ ମାନସିକ ବିକାଶରେ ବାଧା ସୃଷ୍ଟି ହେବ । ଯାହା ଆମ ଶିକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ବିଫଳତା ହେବ। ଏଥିପ୍ରତି ବିଶେଷ ଧ୍ୟାନ ଦେଇ ସକଳସ୍ତରରେ ଉଦ୍ୟମ କରିବା ସହିତ ପିଲାଙ୍କ ଶୈଶବକୁ ବୋଝମୁକ୍ତ କରିବା ଜରୁରୀ ।

# ପହଲଗାମ ଆକ୍ରମଣ ଘଟଣା : ବନ୍ଦ ହେଲା ଜମ୍ମୁ-କଶ୍ମୀର ପର୍ଯ୍ୟଟନସ୍ଥଳୀ

**ଶ୍ରୀନଗର :**

ଜମ୍ମୁ-କଶ୍ମୀର ସ୍ଥିତି ସମ୍ପର୍କରେ ବଡ଼ ଅପଡେଟ୍ । ଗୁଇନ୍ଦା ସୂଚନା ଅନୁସାରେ ଘାଟିରେ ସକ୍ରିୟ ହୋଇଛନ୍ତି ସ୍ଲିପର ସେଲ୍ । ସ୍ଲିପର ସେଲଙ୍କୁ ଗତିବିଧି ଆରମ୍ଭ କରିବାକୁ ନିର୍ଦ୍ଦେଶ ମିଳିଥିବା ସୂଚନା । ଆତଙ୍କବାଦୀଙ୍କ ଘର ଉଡ଼ିଯିବା ପରେ ପ୍ରତିଶୋଧ ନେଇପାରନ୍ତି ଆତଙ୍କୀ ସଂଗଠନ । ଟାର୍ଗେଟ୍ କିଲିଂ ସମ୍ଭାବନା ଥିବା ନେଇ ମିଳିଛି ଗୁଇନ୍ଦା ସୂଚନା । ସୁରକ୍ଷା ଏଜେନ୍ସିଙ୍କ ସୁପାରିଶ କ୍ରମେ ଜମ୍ମୁ-କଶ୍ମୀର ସରକାର ଏ ନିଷ୍ପତ୍ତି ନେଇଛନ୍ତି । ପହଲଗାମ ଆକ୍ରମଣ ପରେ ବନ୍ଦ ହୋଇଛି ୪୮ଟି ପର୍ଯ୍ୟଟନସ୍ଥଳୀ । ଗୁଲମର୍ଗ, ସୋନମର୍ଗ ଅଞ୍ଚଳର ବହୁ ପର୍ଯ୍ୟଟନସ୍ଥଳୀ ବନ୍ଦ ରହିଛି । ସମ୍ବେଦନଶୀଳ ପର୍ଯ୍ୟଟନସ୍ଥଳୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସମ୍ବେଦନଶୀଳ ପର୍ଯ୍ୟଟନସ୍ଥଳୀରେ ଆତ୍ମଘାତୀ ଆକ୍ରମଣ ନିରୋଧୀ ଟିମ୍ ମୁତୟନ ହୋଇଛନ୍ତି । ଗୁଇନ୍ଦା ସୂଚନା ଆଧାରରେ ଜାମ୍ମୁ-କାଶ୍ମୀରର ୮୭ରୁ ୪୮ଟି ପର୍ଯ୍ୟଟନସ୍ଥଳୀ ବନ୍ଦ ରହିଛି । ଆତଙ୍କବାଦୀ ଆକ୍ରମଣର ଆଶଙ୍କା ଦୃଷ୍ଟିରୁ ନିଆଯାଇଛି ଏ ନିଷ୍ପତ୍ତି ।



# ବିଦ୍ୟାଳୟରେ ପଢାଯିବ ଭାରତର ପବିତ୍ର ସ୍ଥାନ ଓ ତୀର୍ଥଯାତ୍ରୀଙ୍କ ବିଷୟ

**ନୂଆଦିଲ୍ଲୀ:**

ଦିଲ୍ଲୀ ଏନ୍‌ସିଇଆରଟିର ନୂଆ ପାଠ୍ୟପୁସ୍ତକ ସପ୍ତମ ଶ୍ରେଣୀ ବହିରୁ ମୋଗଲ ସମ୍ରାଟ ଓ ଦିଲ୍ଲୀ ସୁଲତନ ବିଷୟକୁ ହଟାଇ ଦିଆଯାଇଛି । ଏହା ବଦଳରେ ଛାତ୍ରଛାତ୍ରୀମାନେ ଭାରତୀୟ ରାଜବଂଶ, ପବିତ୍ର ଭୂଗୋଳ, ମହାକୁମ୍ଭ ଓ ସରକାରୀ ଯୋଜନା ବିଷୟରେ ପଢ଼ିବେ । ଏହି ସବୁ ବିଷୟ ବସ୍ତୁକୁ ସାମିଲ୍ କରାଯିବା ନେଇ ଜୋର୍ ଦିଆଯାଉଛି । ଏହି ପଦକ୍ଷେପ ଜାତୀୟ ଶିକ୍ଷାନୀତି 'ଏନଇପି' ଓ ପାଠ୍ୟଚର୍ଚ୍ଚା ଢାଞ୍ଚା ୨୦୨୩ର ଅନୁରୂପ । ଯାହା ଭାରତର ପରମ୍ପରା, ଦର୍ଶନ, ଶିକ୍ଷା ପଲିସି ଓ ସ୍ଥାନୀୟ ଦର୍ଶନ ଉପରେ ଜୋର୍ ଦେଉଛି । ଏନ୍‌ସିଇଆରଟି ଅଧିକାରୀଙ୍କ ମୁତାବକ, ଏହା ପାଠ୍ୟପୁସ୍ତକର ପ୍ରଥମ ଅଂଶ ଅଟେ ଓ ଦ୍ୱିତୀୟ ଅଂଶ ଆସନ୍ତା ମାସରେ ଜାରି ହେବ । ହେଲେ ଏହା ସ୍ପଷ୍ଟ ହୋଇନାହିଁ କି ପ୍ରଥମେ ବହିରୁ ହଟିଥିବା ଅଂଶକୁ ପୁଣି ଥରେ ସାମିଲ୍ କରାଯିବ କି ନାହିଁ। କୋଭିଡ-୧୯ ମହାମାରୀ ସମୟରେ ୨୦୨୨-୨୩ରେ ଏନ୍‌ସିଇଆରଟି ପ୍ରଥମେ ମୋଗଲ ସମ୍ରାଟ ଓ ଦିଲ୍ଲୀ ସୁଲତନ ଉପରେ ଆଧାରିତ କିଛି ଅଂଶକୁ କମ୍ କରାଯାଇଥିଲା । ମାତ୍ର ନୂଆ ପାଠ୍ୟପୁସ୍ତକରେ ଏହାକୁ ସମ୍ପୂର୍ଣ୍ଣ ଭାବେ ହଟାଇବାକୁ ନିଷ୍ପତ୍ତି ନିଆଯାଇଛି ଯାହା ପ୍ରାଚୀନ ଭାରତୀୟ ରାଜବଂଶ ଯଥା ମଗଧ, ମୌର୍ଯ୍ୟ, ଶୁଙ୍ଗ ଓ ସାତବାହନକୁ ସାମିଲ୍ କରାଯାଇଛି ।

ନୂଆ ପାଠ୍ୟପୁସ୍ତକରେ ପବିତ୍ର ଭୂଗୋଳ ନାଁରେ ବହିରେ ଏକ ବିଷୟ ସାମିଲ୍ କରାଯାଇଛି । ଯେଉଁଥିରେ ଭାରତର ପବିତ୍ର ସ୍ଥାନ ଓ ତୀର୍ଥଯାତ୍ରୀଙ୍କ ବିଷୟରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ଏଥିରେ ଦେଶର ୧୨ ଜ୍ୟୋର୍ତିଲିଙ୍ଗ, ଚାରି ଧାମ ଓ ଶକ୍ତି ପୀଠ ବିଷୟରେ ବର୍ଣ୍ଣିତ ରହିଛି । ସେହିପରି ମହାକୁମ୍ଭ ମେଳାକୁ ସାମିଲ୍ କରାଯାଇଛି, ଯାହା ଚଳିତ ବର୍ଷ ଉତ୍ତର ପ୍ରଦେଶର ପ୍ରୟାଗରାଜ ଆୟୋଜିତ ହୋଇଥିଲା। ଏହାକୁ ସପ୍ତମ ଶ୍ରେଣୀ ପାଠ୍ୟପୁସ୍ତକରେ ରଖାଯାଇଛି । ଏଥିରେ ଉଲ୍ଲେଖ, ଚଳିତ ମହାକୁମ୍ଭ ମେଳାରେ ପ୍ରାୟ ୬୬ କୋଟି ଶ୍ରଦ୍ଧାଳୁ ସାମିଲ୍ ହୋଇଥିଲେ । ମାତ୍ର ପ୍ରୟାଗରାଜରେ ହୋଇଥିବା ଦଳାଚକଟା ଘଟଣାକୁ ବିଷୟ ବସ୍ତୁରେ ବାଦ୍ ଦିଆଯାଇଛି । ପାଠ୍ୟପୁସ୍ତକରେ ସରକାରୀ ଯୋଜନାକୁ ସାମିଲ୍ କରାଯାଇଛି । ଏଥିରେ ରହିଛି 'ମେକ୍



ଇନ୍ ଇଣ୍ଡିଆ', 'ବେଟି ବଚାଓ, ବେଟି ପଢ଼ାଓ' ଏବଂ 'ଅଟଳ ସୁଡ଼ଙ୍ଗ' ବିଷୟରେ ବହିରେ ଉଲ୍ଲେଖ କରାଯାଇଛି । ୨୦୦୪ରେ ସୁପ୍ରିମକୋର୍ଟ ଜାତୀୟ ପତାକା ଉତ୍ତୋଳନକୁ ନାଗରିକଙ୍କ ମୌଳିକ ଅଧିକାରରେ ସାମିଲ୍ କରିଥିଲେ, ଏହାକୁ ମଧ୍ୟ ଭାରତୀୟ ସମ୍ବିଧାନ ଅଧ୍ୟାୟରେ ରଖା ସାମିଲ୍ କରାଯାଇଛି। ପାଠ୍ୟକ୍ରମରେ ହୋଇଥିବା ପରିବର୍ତ୍ତନକୁ ବିରୋଧ ଦଳମାନେ ବିରୋଧ କରୁଛନ୍ତି। ପୁସ୍ତକକୁ 'ଭଗୁଆକରଣ' କରାଯାଇଥିବା ଅଭିଯୋଗ କରାଯାଉଛି। ଏନ୍‌ସିଇଆରଟି ନିର୍ଦ୍ଦେଶକ ଦିନେଶ ପ୍ରସାଦ ସକଲାନି ଗତ ବର୍ଷ ଏକ ସାକ୍ଷାତକାରରେ କହିଥିଲେ, ଦଙ୍ଗା ବିଷୟରେ ଶିକ୍ଷା ଦେବା ଛାତ୍ରଛାତ୍ରୀଙ୍କ ଉପରେ ନକରାତ୍ମକ ପ୍ରଭାବ ପଡୁଛି। ତେଣୁ ଦିଲ୍ଲୀ ଏନ୍‌ସିଇଆରଟିର ନୂଆ ପାଠ୍ୟପୁସ୍ତକ ସପ୍ତମ ଶ୍ରେଣୀକେ କିଛି ବିଷୟକୁ ପରିବର୍ତ୍ତନ କରାଯାଇଛି ।

# ଏବେ ଅସାମାଜିକଙ୍କ କବ୍‌ଜାରେ ବେଳାଭୂମିର ସୌନ୍ଦର୍ଯ୍ୟୀକରଣ ଓ ସୁରକ୍ଷା

**ପୁରୀ, ନ୍ୟୁଜ ବ୍ୟୁରୋ**

ବେଳାଭୂମିର ସୌନ୍ଦର୍ଯ୍ୟୀକରଣ ଓ ସୁରକ୍ଷା ପାଇଁ ଲାଗିଥିବା ଝାଉଁ ଗଛ ଏବେ ଅସାମାଜିକଙ୍କ କବ୍‌ଜାରେ । ଝାଉଁ ଗଛ ମୂଳେ ଦିନରେ ମଦ୍ୟପାନ ଓ ରାତିରେ ଅନୈତିକ କାର୍ଯ୍ୟ ଚାଲୁଛି । ଏମାନେ ପୁରୀ ବେଳାଭୂମିକୁ ବଦ୍‌ନାମ କରିବାରେ ବ୍ୟସ୍ତ। ଫଳରେ ବେଳାଭୂମିରେ ପଡୁଛି ନିରୋଧ, ଗଡୁଛି ମଦ ବୋତଲ । ଏଭଳି ସ୍ଥିତିରେ ସବୁ ଜାଣି ନିରବ ବସିଛି ପ୍ରଶାସନ। ଏଥିପାଇଁ ପର୍ଯ୍ୟଟକମାନେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି । ଅବଢ଼ା ଯୋଜନାରେ ଓବିସିସି ପକ୍ଷରୁ ବିଚ୍ ଫ୍ରଣ୍ଟ ଡେଭଲପ୍‌ମେଣ୍ଟ୍ ପ୍ରୋଜେକ୍ଟରେ ବେଳାଭୂମିରେ ବୃକ୍ଷ ରୋପଣ କରାଯାଇଥିଲା । ଦିଗବାରେଣୀ ଛକଠାରୁ ବଳିଆପଣ୍ଡା ପର୍ଯ୍ୟନ୍ତ ବେଳାମାର୍ଗ ପାଶ୍ୱର୍ ବିସ୍ତୀର୍ଣ୍ଣ ବେଳାଭୂମିରେ କୋଟି କୋଟି ଟଙ୍କା ବ୍ୟୟ କରି ପ୍ରଶାସନ ପକ୍ଷରୁ ଏହି ଗଛ ଲଗାଯାଇଛି । ଏହାର ଲକ୍ଷ୍ୟ ଥିଲା ବେଳାଭୂମିର ସମ୍ମୁଖ ପାର୍ଶ୍ୱର ସୌନ୍ଦର୍ଯ୍ୟ ବୃଦ୍ଧି କରିବା । ପର୍ଯ୍ୟଟକମାନେ ବେଳାଭୂମିରେ ବସି ଗୋଟିଏ ପଟେ ସମୁଦ୍ରର ମନୋରମ ଦୃଶ୍ୟ ଓ ଅନ୍ୟପଟେ ଝାଉଁ ଗଛର ଲମ୍ବା ଜଙ୍ଗଲକୁ ଦେଖି ମନଭରି ଉପଭୋଗ କରିବେ । କିନ୍ତୁ ଏବେ ନିଶାଖୋର ଓ ପ୍ରେମୀ ଯୁଗଳ ଏହି ସୌନ୍ଦର୍ଯ୍ୟୀକରଣ ବେଶ୍ ଫାଇଦା ଉଠାଉଛନ୍ତି । ଏହି ଝାଉଁ ବଣକୁ ସୁରକ୍ଷା ପାଇଁ ବାଉଁଶ ବତାରେ ବାଡ଼ କରାଯାଇଛି । ୨ ପାର୍ଶ୍ୱରେ ବାଉଁଶ ବାଡ଼



ସାଙ୍ଗକୁ ଝଙ୍କାଳିଆ ଗଛ ଏକ ପ୍ରକାର ସୁଡ଼ଙ୍ଗ ଭଳି ଦେଖାଯାଉଛି। କେହି ଏହା ଭିତରେ ପଶିଗଲେ ବାହାରକୁ ଦେଖାଯିବା କଷ୍ଟକର। ଅସାମାଜିକମାନେ ସ୍ଥାନେ ସ୍ଥାନେ ଏହି ବାଡ଼କୁ ଭାଙ୍ଗି ଭିତରକୁ ରାସ୍ତା ତିଆରି କରିଛନ୍ତି। ଦିନରେ ଛାଇ ଦେଉଥିବା ଏହି ଝଙ୍କାଳିଆ ଝାଉଁ ଗଛ ମୂଳରେ ବସି ନିଶାଖୋରମାନେ ବିଭିନ୍ନ ପ୍ରକାର ନିଶା ସେବନ କରୁଛନ୍ତି । ରାତିର ଅନ୍ଧାରରେ ବି ଏଠାରେ ନିଶାଖୋର ଭିଡ଼ ଲଗାଉଛନ୍ତି । ଯଦି କେହି ଏମାନଙ୍କୁ ବିରୋଧ କରେ ତେବେ ଅନ୍ୟ ବାଟ ଦେଇ ଖସିଯିବାର ସୁବିଧା ମଧ୍ୟ ରହିଛି । ତେଣୁ ନିର୍ଭୟରେ ଦିନ ଓ ରାତି ନିଶାଖୋରମାନେ ଏହି ସ୍ଥାନକୁ ସୁରକ୍ଷିତ ଭାବି ନେଇଛନ୍ତି । ସେହିପରି ଏହି ଗଛମୂଳରେ ବେଳାଭୂମିରେ ଯୁବକଯୁବତୀମାନେ ଅନୈତିକ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି । ଏପରିକି ରାତିରେ ବେଳାଭୂମିରେ ଯୁବକ ଓ ଯୁବତୀମାନେ ଏହାର ଆଢୁଆଳରେ ମଦ୍ୟପାନ କରୁଛନ୍ତି । ନିଶାସକ୍ତ ଅବସ୍ଥାରେ ବେଳାଭୂମିରେ ବୋତଲ ଫିଙ୍ଗୁଛନ୍ତି । ଗତ ୨୦ ତାରିଖ ରାତିରେ ଲାଇଟ୍ ହାଉସ୍-ଷ୍ଟର୍ଲିଂ ବେଳାମାର୍ଗ ପାଶ୍ୱର୍ରେ ଏହି ଝଙ୍କାଳିଆ ଗଛ ମୂଳରେ ବସିଥିବା ୨ ଜଣ ଯୁବକ, ଯୁବତୀଙ୍କୁ କିଛି ଅସାମାଜିକ ଘେରିଥିଲେ। ସେମାନଙ୍କ ପଛରେ କୁକୁର ଲଗାଇ ଦେଇଥିବା ବେଳେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଯୁବତୀଙ୍କୁ କୁକୁର କାମୁଡ଼ି ଦେଇଥିଲା । ଏହାପରେ ଏହି ଯୁବକ ଓ ଯୁବତୀଙ୍କ ସହ ଅସାମାଜିକଙ୍କ ଝଗଡ଼ା ହୋଇଥିଲା । କିଛି ପର୍ଯ୍ୟଟକଙ୍କ ହସ୍ତକ୍ଷେପ ପରେ ୨ ପକ୍ଷ ପୁଲିସ ଆସିବା ଭୟରେ ପଳାଇଥିଲେ। ଘଟଣାଟି ସେହି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା । କେବଳ ଏହି ଝଙ୍କାଳିଆ ଝାଉଁ ଗଛ ନୁହେଁ। ବେଳାଭୂମି ଅସାମାଜିକଙ୍କ ପାଇଁ ଓପନ୍ ବାର ପାଲଟିଛି । ନିଶାଖୋର ମଦ ବୋତଲ ଧରି ବୁଲୁଛନ୍ତି । ଶହ ଶହ ପର୍ଯ୍ୟଟକଙ୍କ ଉପସ୍ଥିତିରେ ନିଶା ସେବନ କରୁଛନ୍ତି । ସମସ୍ତଙ୍କ ସମ୍ମୁଖରେ ମଦ ବୋତଲ ଭାଙ୍ଗି ଫିଙ୍ଗୁଛନ୍ତି । ବେଳାଭୂମିରେ ମଦ ବୋତଲ କାଚରେ ଅନେକ ପର୍ଯ୍ୟଟକ ରକ୍ତାକ୍ତ ହେଉଛନ୍ତି । ପୁଲିସ ଏଦିଗରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅନୈତିକ ଏବଂ ଅସାମାଜିକଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ବେଳାଭୂମି ପରିବେଶ ନଷ୍ଟ ହେଉଥିବା ନେଇ କେତେକ ପର୍ଯ୍ୟଟକ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ପଶ୍ଚିମବଙ୍ଗର ପୃଥ୍ୱୀରାଜ୍ ଚାଟାର୍ଜୀ କହିଛନ୍ତି ବେଳାଭୂମିରେ ବୁଲୁଥିବା ବେଳେ ଭଙ୍ଗା ମଦ କାଚରେ ମୋ ଝିଅର ଗୋଡ଼ କଟିଗଲା । ସମ୍ବଲପୁରର ପ୍ରତୀକ ପ୍ରୀତମ୍ ପାଣି କହିଛନ୍ତି, ଏହି ଗଛଗୁଡ଼ିକ ଅତି ସୁନ୍ଦର ଦିଶୁଛି । କିନ୍ତୁ ଏହା ମୂଳରେ ପର୍ଯ୍ୟଟକମାନେ ପରିସ୍ରା କରୁଛନ୍ତି। ଏପରିକି ଏଠାରେ ଆପତ୍ତିଜନକ ସାମଗ୍ରୀ ପଡ଼ିଥିବା ଦେଖିବାକୁ ମିଳିଛି। ଏନେଇ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର କହିଛନ୍ତି ଏତେ ବଡ଼ ବେଳାଭୂମିରେ ନଜର ରଖିବା ଯଦିଓ କଷ୍ଟକର ତଥାପି ଏହାକୁ ନିୟନ୍ତ୍ରଣ କରିବାକୁ ନିୟମିତ ପାଟ୍ରୋଲିଂ କରାଯିବ ।

# ଖରାଦିନେ ବଢୁଛି ତାଳସଜର ଆସର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏବେ ମାଲକାନଗିରି ଜିଲ୍ଲାରେ ପ୍ରଚୁର ପରିମାଣର ତାଳ ମିଳୁଛି । ପ୍ରତିଦିନ ମାଲକାନଗିରି ପାଖଆଖ ଗାଁରୁ ଆଦିବାସୀମାନେ ବସ୍ତାବସ୍ତା ତାଳ ବଜାରକୁ ଆଣୁଛନ୍ତି । ତାଳରୁ ତାଳସଜ ବାହାର କରି ବିକ୍ରି କରାଯାଉଛି । ତାଳସଜରେ ଅଧିକ ଜଳୀୟ ଅଂଶ ଥିବାରୁ ଖରାଦିନ ଏହା ଖାଇବା ଶରୀର ପାଇଁ ହିତକର। ଆଉ ପାଟିକୁ ମଧ୍ୟ ସୁଆଦିଆ ହୋଇଥିବାରୁ ଗ୍ରାହକଙ୍କ ଭିଡ଼ ଜମୁଛି । ୬ଟି ତାଳସଜ ୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଲୋକ ଏହା ଖାଇବା ସହ ପିଲାଛୁଆଙ୍କ ପାଇଁ ମଧ୍ୟ ଘରକୁ ନେଇଯାଉଛନ୍ତି । ମାଲକାନଗିରି ଜିଲ୍ଲା ତୁମସାପାଲି ଗାଁର ମଙ୍ଗଳା ସୋଢ଼ି । ଗାଁରେ ତାଙ୍କର ୧୦୦ରୁ ଅଧିକ ତାଳଗଛ ଅଛି। ସେ ଏବେ ତାଳ ଆଣି ଡିଏନକେ ବଜାରରେ ବିକି ଦିନକୁ ୫୦୦ରୁ ୧୨୦୦ ଟଙ୍କା ରୋଜଗାର କରୁଛନ୍ତି । ମଙ୍ଗଳାଙ୍କ ପରି ତାମସା, ପିଟାଗେଟା, ବୟଲାପାଲି ଏବଂ ପାଖଆଖ ଗାଁର ଶତାଧିକ ଯୁବକ ତାଳସଜ ବିକ୍ରି କରି ପରିବାର ଚଳାଉଛନ୍ତି । ଘର ଚଳାଇବା ପାଇଁ ଆଉ ଆଗ ପରି ଦାଦନ ଯିବାକୁ ପଡୁନାହିଁ । ତାଳଗଛ ସବୁ ଖର୍ଚ୍ଚ ସମ୍ଭାଳି ନେଉଛି । ତାଳଗଛକୁ ବର୍ଷ ତମାମ୍ ବ୍ୟବହାର କରନ୍ତି ଜନଜାତି ମଣିଷ । ତାଳସଜ ସହ ପାଚିଲା ତାଳର ମଧ୍ୟ ଚାହିଦା ରହିଛି । ଏହାଛଡ଼ା ତାଳରସକୁ ଲୋକ ମଦ୍ୟ ପାନୀୟ ଭାବେ ବ୍ୟବହାର କରାଯାଏ । । ତାଳଗୁଡ଼ ମଧ୍ୟ ଭଲ ବିକ୍ରି ହେଉଛି । ଏଥିସହ କାଠ ପରି ତାଳଗଛ ଗଣ୍ଡିରେ ଘର ନିର୍ମାଣ ଓ ତାଳ ବରଡ଼ାରେ ଘର ଛପର କରାଯାଏ । ଏସବୁରୁ ମଧ୍ୟ ଭଲ ପଇସା ମିଳେ। କଳ୍ପତରୁ ଭଳି ତାଳଗଛ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାରୁ ତାଳଗଛକୁ ସରଳ ବନବାସୀ ଜୀବନର ଏକ ଅଂଶ ଭାବେ ଗ୍ରହଣ କରିଛନ୍ତି ।



# ୩୦ ବର୍ଷ ପରେ ବଦଳିବାକୁ ଯାଉଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କ କ୍ୱାର୍ଟର୍ସର ଠିକଣା ବଦଳିବା ପରେ ଏବେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ (ସିଏମ୍ ଗ୍ରିଭାନ୍ସ ସେଲ୍) ଠିକଣା ବଦଳିବାକୁ ଯାଉଛି। ୧୯୯୫ରୁ ଏଜି ଛକ-ରାଜଭବନ ରାସ୍ତାରେ ଏହି ଅଭିଯୋଗ ପ୍ରକୋଷ୍ଠ ରହି ଆସିଥିଲା । ଦୀର୍ଘ ୩୦ ବର୍ଷ ପରେ ଏହାର ଠିକଣା ବଦଳିବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ମଞ୍ଜୁରି ଦେଇଛନ୍ତି । ୟୁନିଟ୍-୨ କ୍ୟାପିଟାଲ ନର୍ସରୀକୁ ଲାଗି ରହିଥିବା ମଣ୍ଡଳ ସାଧନ କେନ୍ଦ୍ର ଓ ପୁରୁଣା ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଅଭିଯୋଗ ପ୍ରକୋଷ୍ଠ ତିଆରି ହେବ । ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଏହି ମଣ୍ଡଳ ସାଧନ କେନ୍ଦ୍ରରେ ଶିକ୍ଷକମାନଙ୍କୁ ତାଲିମ ଦିଆଯାଏ। ସ୍ଥାନୀୟ ଅଞ୍ଚଳର ଦୁଇଟି ଅଙ୍ଗନବାଡ଼ି କେନ୍ଦ୍ର ବି ଏହାର ପରିସରରେ ଚାଲୁଥିଲା । ଏହି ସ୍ଥାନରେ ଠିଆ ହେବ ସ୍ଥାୟୀ ଅଭିଯୋଗ ପ୍ରକୋଷ୍ଠ । ମୁଖ୍ୟମନ୍ତ୍ରୀ ସୋମବାର ଦିନ ଏଠାକୁ ଆସି ଲୋକଙ୍କଠାରୁ ଅଭିଯୋଗ ଶୁଣିବେ । ଏଥିପାଇଁ ନୂଆ ପ୍ରତୀକ୍ଷାଳୟ ତିଆରି ହେବ । ଏଠାରେ ୫୦୦ରୁ ୭୦୦ ଲୋକ ବସି ଅପେକ୍ଷା କରିବା ଭଳି ସୁବିଧା ରହିବ । ଏହାକୁ ସେଣ୍ଟ୍ରାଲ ଏସି କରାଯିବ । ଅଭିଯୋଗ ଦେବାକୁ ଅଧିକ ଲୋକ ଆସୁଥିବାରୁ ଏକାଧିକ ଶୌଚାଳୟ କମ୍ପ୍ଲେକ୍ସ ତିଆରି ହେବ । ମୁଖ୍ୟମନ୍ତ୍ରୀ ବସି ଅଭିଯୋଗ ଶୁଣିବା ପାଇଁ ଏକ ବଡ଼ ହଲ୍ ରହିବ । ଅଫିସରଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ରହିବ । ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



କରାଯିବ । ମୁଖ୍ୟମନ୍ତ୍ରୀଙ୍କ ଏହି ଅଭିଯୋଗ ପ୍ରକୋଷ୍ଠ ତିଆରି ପାଇଁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ନିର୍ମାଣ ସହ ପୁରୁଣା କୋଠାକୁ ନବୀକରଣ କରାଯିବ । ଏହାକୁ ସମ୍ପୂର୍ଣ୍ଣ ନୂଆ ରୂପ ଦିଆଯିବ । ଏଥିପାଇଁ ପୂର୍ତ୍ତ ବିଭାଗ ଟେଣ୍ଡର ଆହ୍ୱାନ କରିସାରିଛି । ଲୋକଙ୍କ ଗାଡ଼ି ପାର୍କିଂ ପାଇଁ ପାଖ ପଡ଼ିଆରେ ସ୍ୱତନ୍ତ୍ର ସୁବିଧା ରହିବ । ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ଜଣାପଡ଼ିଛି । ରାଜ୍ୟରେ ସରକାର ବଦଳିବା ପରେ ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବଙ୍ଗଳାକୁ ଫେରିଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବଙ୍ଗଳାରେ ରହୁନଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋୟର ପିଏମ୍‌ଜିରେ ଥିବା ନିଜର ପୁରୁଣା କ୍ୱାର୍ଟର୍ସ ବଦଳରେ ଏଠାରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାକୁ ନୂଆ ରୂପ ଦିଆଯାଇଛି । ସେ ଏହି ବଙ୍ଗଳାକୁ ଗୃହ ପ୍ରବେଶ ବି କରି ସାରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାକୁ ଲାଗି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ରହିଥିଲା । ପରେ ଏହାକୁ ପାଖ କ୍ୱାର୍ଟର୍ସକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଘରକୁ ଲାଗି ଅଭିଯୋଗ ପ୍ରକୋଷ୍ଠ ରହିଲେ ସୁରକ୍ଷା ପ୍ରତି ବିପଦ ହେବାର ଆଶଙ୍କା ରହିଛି। ଅଭିଯୋଗ ଶୁଣାଣିକୁ ହଜାର ହଜାର ଲୋକ ଆସି ଏକାଠି ହେଉଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳା ପାଖରେ ଏତେ ସଂଖ୍ୟକ ଲୋକଙ୍କ ସମାଗମକୁ ଏଡ଼ାଇବାକୁ ଅଭିଯୋଗ ପ୍ରକୋଷ୍ଠ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ହୋଇଛି ।

# ଭାରତ ଛାଡ଼ିଲେ ୫୩୭ ପାକିସ୍ତାନୀ

**ନୂଆଦିଲ୍ଲୀ :**

ଭାରତରେ ରହୁଥିବା ପାକିସ୍ତାନ ନାଗରିକଙ୍କ ପାଇଁ ଡେଡଲାଇନ୍ ଦିଆଯାଇ ଥିବାବେଳେ ଭାରତ ନଛାଡ଼ିଲେ, ମିଳିବ କଡ଼ା ଦଣ୍ଡ ସହ ୩ ବର୍ଷର ଜେଲ ଦଣ୍ଡାଦେଶ ଓ ୩ଲକ୍ଷ ଟଙ୍କାର ଜରିମାନା ଭୋଗିବେ । ଏପ୍ରିଲ ୨୨ରେ ପହଲଗାମ ଆକ୍ରମଣ ପରେ ପାକିସ୍ତାନୀଙ୍କୁ 'ଭାରତ ଛାଡ଼' ନୋଟିସ୍ ହୋଇଥିଲା। ସାର୍କ ଭିସାଧାରୀଙ୍କୁ ଏପ୍ରିଲ ୨୬ ତାରିଖ ପର୍ଯ୍ୟନ୍ତ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଥିଲା । କିନ୍ତୁ କେନ୍ଦ୍ର ସରକାର ୧୨ ଶର୍ଟ-ଟର୍ମ ଭିସାଧାରୀଙ୍କୁ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ । ମେଡିକାଲ ଭିସାଧାରୀଙ୍କୁ ଏପ୍ରିଲ ୨୯ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଗତ କିଛି ଦିନରେ ୨୭୨ ପାକିସ୍ତାନୀ ଅଟାରୀ-ୱାଘା ସୀମା ଦେଇ ଭାରତ ଛାଡ଼ି ଥିବା ବେଳେ ଏପର୍ଯ୍ୟନ୍ତ ମହାରାଷ୍ଟ୍ର, ତେଲେଙ୍ଗାନା, କେରଳ, ମଧ୍ୟପ୍ରଦେଶ, ଓଡ଼ିଶା, ଗୋଆ, ଗୁଜରାଟ ଓ ୟୁପିରେ ରହୁଥିବା ପାକିସ୍ତାନ ନାଗରିକ ଭାରତ ଛାଡ଼ିଛନ୍ତି । ମହାରାଷ୍ଟ୍ରରେ ପାଖାପାଖି ୧ହଜାର ପାକିସ୍ତାନୀ ନାଗରିକ ସର୍ଟ-ଟର୍ମ ଭିସାରେ ଥିଲେ । ଭାରତକୁ ୬୨୯ ଭାରତୀୟ ନାଗରିକ ପାକିସ୍ତାନରୁ ଫେରିଛନ୍ତି । ଏଥିରେ ୧୩ ଜଣ କୁଟନୀତିଜ୍ଞ ଓ କିଛି ଅଧିକାରୀ ସାମିଲ ଅଛନ୍ତି । ଏପ୍ରିଲରେ ୧୯୧ ପାକିସ୍ତାନୀ ନାଗରିକ ଅଟାରୀ-ୱାଘା ସୀମା ଦେଇ ଭାରତ ଛାଡ଼ିଛନ୍ତି । ସେପଟେ ଓଡ଼ିଶା ଛାଡ଼ି ପାକିସ୍ତାନ ଯିବା ପାଇଁ ନିର୍ଦ୍ଦେଶ ଆସିବା ପରେ ଅସୁସ୍ଥ ହୋଇପଡିଛନ୍ତି ବାଲେଶ୍ୱର ଜିଲ୍ଲା ସୋରର ରେଜିଆ ସୁଲତାନା। ତାଙ୍କର ରକ୍ତଚାପ ବଢିଯାଇଥିବାରୁ ଡାକ୍ତର ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି । ରେଜିଆ ସୁଲତାନାଙ୍କ ପୁଅଙ୍କ କହିବା କଥା ହେଲା, ତାଙ୍କ ପରିବାର ଦୀର୍ଘ ବର୍ଷ ହେଲା ଓଡ଼ିଶାରେ ରହୁଛନ୍ତି । ଏଠାର ଆଧାର କାର୍ଡ, ରାସନ୍ କାର୍ଡ ସବୁକିଛି ରହିଛି । ହେଲେ କାହିଁକି ତାଙ୍କୁ ପାକିସ୍ତାନ ଯିବାକୁ ନୋଟିସ୍ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ମଇ ୨୦୨୫ ଗୁରୁବାର





## ହାତୀ ଆକ୍ରମଣରେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ

**ସୁନ୍ଦରଗଡ଼, ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ ସଦର ବନାଞ୍ଚଳର ସାତପର୍ଲିଆ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ କେନ୍ଦୁପତ୍ର ତୋଳାଳିଙ୍କ ମୃତ୍ୟୁ ଘଟିଛି । କରମଡିହି ଗୀତପଡ଼ାର ମେରି ମାଇକେଲ୍ ଟେଟେ (୬୪) ମଙ୍ଗଳବାର ସକାଳୁ ଗ୍ରାମର ଅନ୍ୟ ତିନିଜଣ ମହିଳାଙ୍କ । ସହ ସାତପର୍ଲିଆ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ସେମାନେ କେନ୍ଦୁପତ୍ର ତୋଳୁଥିବା ବେଳେ ହଠାତ୍ ଏକ ଗୋଠଛଡ଼ା ଦନ୍ତା ସେମାନଙ୍କୁ ଗୋଡ଼ାଇଥିଲା । ଅନ୍ୟ ତିନି ଜଣ ମହିଳା ଦୌଡ଼ି ପଳାଇ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଥିବା ବେଳେ ଏହି ବୃଦ୍ଧଜଣଙ୍କ ଦୌଡ଼ି ନପାରି ହାତୀ କବଳରେ ପଡ଼ି ପ୍ରାଣ ହରାଇଥିଲେ । ଦନ୍ତାଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି ।

## ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଛି ହୋମିଓପ୍ୟାଥିକ୍ କଲେଜ

### ନିର୍ମାଣାଧିନ କୋଠାରେ ପଡ଼ିଛି ଶତାଧିକ ମଦ ବୋତଲ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ରାଜ୍ୟର ବହୁ ପୁରାତନ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅବହେଳା ହୋଇଥିବା ଅଭିଯୋଗ ହୋଇଆସୁଛି । ଏଥିମଧ୍ୟରେ ଏହି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ନିସାଡ଼ିଙ୍କ ଆଡ୍ଡାସ୍ଥଳି ପାଲଟିଛି । ଉକ୍ତ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟରେ ବର୍ତ୍ତମାନ ଏଠାରେ ମୋଟ ୧୧୭ଟି ଡାକ୍ତର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଡାକ୍ତର ଛାତ୍ରଛାତ୍ରୀଙ୍କ ପାଠପଢ଼ା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ଅଭାବ ରହିଛି । ଏହାକୁ ଦୃଷ୍ଟିରେ ରଖି ଗତ ୨୦୨୩ ଅଗଷ୍ଟ ମାସରେ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପରିସରରେ ଦୁଇ ମହଲା ବିଶିଷ୍ଟ ଏକ କୋଠା ନିର୍ମାଣ କରିବାକୁ ଡାଇରେକ୍ଟର ଅଫ୍ ଆୟୁଷ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା । ଏହି ପ୍ରକଳ୍ପ ନିମନ୍ତେ ୨ କୋଟି ୯୩ ଲକ୍ଷ ୭୦ ହଜାର ଅନୁମୋଦନ ହୋଇଥିଲା । ଏହା କିଛି ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଥି ମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ହୋଇଥିବାବେଳେ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ । ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବାରୁ ତାହା ଏବେ ନିଶାଡ଼ିଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ନିର୍ମାଣାଧୀନ କୋଠାରେ ବିଭିନ୍ନ ବ୍ରାଣ୍ଡର ଶତାଧିକ ମଦ ବୋତଲ ପଡ଼ିଥିବା ଦେଖିବାକୁ ମିଳିଛି । ତେବେ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପରିସରରେ ସୁରକ୍ଷାକର୍ମୀ ରହିଥିବା ବେଳେ କିଏ ଏବଂ କେଉଁ ପରିସ୍ଥିତିରେ ଉକ୍ତ କୋଠାରେ ମଦ୍ୟପାନ କରିବାକୁ ସାହାସ କରୁଛି । ତାହା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି । ଅନ୍ୟପକ୍ଷରେ ଏହି କୋଠା ନିକଟରେ ଉଭୟ ପୁରୁଷ ଓ ମହିଳା ହଷ୍ଟେଲ୍ ରହିଛି । କ୍ୟାମ୍ପସ୍ ମଧ୍ୟରେ ରାତିରେ ମଧ୍ୟ ଡାକ୍ତର ଛାତ୍ରଛାତ୍ରୀ ବୁଲୁଥିବା ବେଳେ ଏହା ମଧ୍ୟ ମଦ୍ୟପାନ କରିବା ଘଟଣା ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ନିସାଡ଼ିମାନେ କିଛି ମାସ ହେବ ଏଭଳି କାର୍ଯ୍ୟକଳାପ କରୁଥିବା ବେଳେ କର୍ତ୍ତୃପକ୍ଷ ତାହା କେମିତି ଜାଣିପାରୁନାହାନ୍ତି । ଯଦି ଜାଣିଛନ୍ତି ଡାକ୍ତର ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟି ରଖି କଣ ସବୁ ପଦକ୍ଷେପ ଗ୍ରହଣ କରିଛନ୍ତି ସେନେଇ ବିଭିନ୍ନ ମହଲରେ ଦାବି ଉଠିଛି । ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପରିସରରେ ମଦ୍ୟପାନ ବନ୍ଦ କରିବା ଓ ବିଭିନ୍ନ ସ୍ଥାନରୁ ଆସିଥିବା ଡାକ୍ତର ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ନିମନ୍ତେ ବିଭିନ୍ନ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ୍ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ଅଧ୍ୟକ୍ଷ ଡ଼ା. ଗୀତାଞ୍ଜଳି ପଟ୍ଟନାୟକଙ୍କୁ ପଚାରିବାକୁ ସେ କହିଛନ୍ତି କିଏ ଏବଂ କେଉଁ ପରିସ୍ଥିତିରେ ନିର୍ମାଣଧୀନ କୋଠାରେ ମଦ୍ୟପାନ କରୁଛି ଏହାର ଅନୁସନ୍ଧାନ କରିବା ସହ ଏହା ବନ୍ଦ କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡିକୁ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**




କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦୁଇ ଗୋଟି ଆମ୍ବୁଲାନ୍ସ ଓ ଗୋଟିଏ ମହାଯାତ୍ରା ଗାଡି ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡି ମଙ୍ଗଳବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କ ମଣ୍ଡୁଆ ଠାରେ ଥିବା ଅଭିଯୋଗ ପ୍ରକୋଷ୍ଠ ସମ୍ମୁଖରେ ଏହାର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ବାରିକ ଏହି ଅବସରରେ ପ୍ରକାଶ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଅଧିକାରୀ ହିମାଂଶୁ ଶେଖର ସାହୁ ଏହା ପୂର୍ବରୁ ଲୋକଙ୍କ ସେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆମ୍ବୁଲାନ୍ସ ଓ ମହାଯାତ୍ରା ଗାଡି ଦେବା ପାଇଁ କହିଥିଲେ । ଏହା ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ସହ ଯେକୌଣସି ବ୍ୟକ୍ତି ଏହା ବ୍ୟବହାର କରିପାରିବେ । ଏହି ଲୋକାର୍ପଣ ଉତ୍ସବରେ କେନ୍ଦୁଝର ଲୋକସଭା ସଦସ୍ୟ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡଃ ଫକୀର ମୋହନ ନାୟକ ଓ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ବିନା ଥଇଥାନରେ ବିସ୍ଥାପିତଙ୍କ ଘର ଭାଙ୍ଗିଦେଲା ପ୍ରଶାସନ




**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଆଲିପିଙ୍ଗଳ ପଞ୍ଚାୟତ ବାଲିଘାଇ ଭୋଇ ସାହିରେ ୧୬ ପରିବାରର ମୁଖ୍ୟମାନେ ମଜୁରୀ ଲାଗିବାକୁ ଯାଇଥିବାବେଳେ ପ୍ରଶାସନ ବୁଲଡୋଜର ଚଢାଇ ଘର ଭାଙ୍ଗିଦେଇ ପ୍ରତି ପରିବାରକୁ ଖଣ୍ଡେ ଲେଖାଏଁ ପଲିଥିନ୍ ଧରାଇ ଦେଇଛନ୍ତି । ଏହାଠାରେ ୧୯୮୮ ମସିହାରୁ ରହିଆସୁଥିବା ଦଳିତ ଭୋଇ ସମାଜ ଆଜି ବାସହରା ହୋଇଯାଇଛନ୍ତି । ଜିଲ୍ଲା ପ୍ରଶାସନ ନିକଟରେ ବାରମ୍ବାର ଗୁହାରି ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ କି ଥଇଥାନର ବ୍ୟବସ୍ଥା ହେଉନଥିବା ଭୋଇ ସମାଜ ୧୬ ପରିବାର ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ । ଏହି ସମସ୍ୟାକୁ ଜାନୁଆରୀ ୩୦ରେ ଏହି ବାଲିଘାଇ ଭୋଇ ସମାଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ହାଣ୍ଡି କଡାଇ ଧରି ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିଲେ । ଜିଲ୍ଲା ପ୍ରଶାସନ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଥଇଥାନର ବ୍ୟବସ୍ଥା କରାଯିବା ବୋଲି ପ୍ରତିଶୃତି ଦେଇଥିଲେ । ଜଗତସିଂହପୁର ତହସିଲଦାର ତାରେଣୀ ରଞ୍ଜନ ରାୟ ଲିମିଟେସନ୍ ଆକ୍ଟ ୧୯୬୩କୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରି ଗତ ୭.୧.୨୦୨୫ରେ ଅନ୍ୟ ସରକାରୀ କର୍ମଚାରୀ ଓ ପୋଲିସଙ୍କ ସହାୟତାରେ ପରିବାରର ମୁଖ୍ୟମାନେ ମଜୁରିଆ ଲାଗିବାକୁ ଯାଇଥିବାବେଳେ ଅନୁପସ୍ଥିତର ସୁଯୋଗ ନେଇ ବୁଲଡୋଜର ଚଢାଇ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ମାଟିରେ ମିଶାଇଦେଇଥିଲେ । ପ୍ରଶାସନ ଥଇଥାନ ନକରି ପ୍ରତ୍ୟେକ ପରିବାରକୁ ଖଣ୍ଡେ ଲେଖାଏଁ ପାଲ ଧରାଇ ଦେଇଥିଲେ । ସେହି ପାଲକୁ ଧରି ସମସ୍ତ ପରିବାର ନିକଟସ୍ଥ ଶ୍ମଶାନରେ ରହିବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ । ୧୫ ଦିନ ମଧ୍ୟରେ ୧୬ଟି ଭୂମିହୀନ ଅନୁସୂଚିତ ଜାତି ଭୋଇ ପରିବାରଙ୍କୁ ସରକାର ବସୁନ୍ଧରା ଯୋଜନାରେ ଥଇଥାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଦୀର୍ଘ ୪ ମାସ ବିତିଯାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଚଞ୍ଚକତା କରି ଆମ୍ଭମାନଙ୍କୁ ସେଠାରୁ ବିସ୍ଥାପିତ କରି ଗ୍ରାମ୍ୟ ଶ୍ମଶାନରେ ଯେଉଁଭଳି ଭାବରେ ଅକଥନୀୟ ମାନସିକ ନିର୍ଯାତନା ଦେଇ ରଖିଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ ଓ ସେହି ତହସିଲଦାରଙ୍କ ବିରୁଦ୍ଧରେ ଅନୁସୂଚିତ ଜାତି, ଜନଜାତି ନିର୍ଯାତନା ଆଇନ୍ ୧୯୮୯ ଧାରା ଅନୁଯାୟୀ କ୍ଷତି ପୂରଣ ଦେବା ସହିତ ତାଙ୍କ ବିରୁଦ୍ଧରେ କଠୋର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜଗତସିଂହପୁର ଥାନାରେ ଅଭିଯୋଗ କରିଛନ୍ତି । ଆଶିଷ ଭୋଇ, ନବଘନ ଭୋଇ, ସଞ୍ଜୟ କୁମାର ଭୋଇ, ମିଟୁ ଭୋଇ, ସଂଯୁକ୍ତା ଭୋଇ, ସୁନା ଭୋଇ, ଝରଣା ଭୋଇ, ଝିଲି ଭୋଇ, ରଶ୍ମିତା ଭୋଇ, ପ୍ରଭାତ ଭୋଇ, ଖୋକନ ଭୋଇ, ସୁନୀଲ କୁମାର ଭୋଇ, ତୋଫାନ ଭୋଇ, ମାମିନା ଭୋଇ, ଲିଟୁ ଭୋଇ, ସୁମନ ଭୋଇ ପ୍ରମୁଖ ଅଭିଯୋଗ କରି ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି ।

### ||||||||||| କର୍ତ୍ତବ୍ୟରେ ଅବହେଳା ଅଭିଯୋଗ |||||||||||

## ରାୟଗଡ଼ା ଜିଲ୍ଲା ଶିଶୁ କଲ୍ୟାଣ କମିଟିର ୪ ସଦସ୍ୟ ନିଲମ୍ବିତ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଏକ ନଅ ଦିନର ଶିଶୁ କନ୍ୟା ସହ ଜଡିତ ମାମଲାରେ ସନ୍ଦେହ ଘେରରେ ରାୟଗଡା ଜିଲ୍ଲା ଶିଶୁ କଲ୍ୟାଣ କମିଟି ଓ ଉକ୍ତ ମାମଲା ଆଧାରରେ ରାୟଗଡା ଜିଲ୍ଲା ଶିଶୁ କଲ୍ୟାଣ କମିଟିର କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା କୁହାଯାଉଛି ଓ ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରି ନିଜର ଶକ୍ତ ଆଭିମୁଖ୍ୟ ଜାହିର କରିଛନ୍ତି ରାଜ୍ୟ ସରକାର । ନଅ ଦିନର ଏକ ଶିଶୁକନ୍ୟା ସହିତ ଜଡିତ ଅବୈଧ ପୋଷ୍ୟ ସନ୍ତାନ ଗ୍ରହଣ ମାମଲାର ତଦନ୍ତ ପରେ ଓଡ଼ିଶା ସରକାର ରାୟଗଡ଼ା ଶିଶୁ କଲ୍ୟାଣ କମିଟିର ୪ଜଣ ସଦସ୍ୟ/ ସଦସ୍ୟା ସମେତ ଅଧକ୍ଷଙ୍କୁ ମଧ ନିଲମ୍ବନ କରାଯାଇଥିବା ବିଷୟ ବର୍ତ୍ତମାନ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି । ରାଜ୍ୟ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ ପକ୍ଷରୁ ୧ ମଇ, ୨୦୨୫ର ପତ୍ର ସଂଖ୍ୟା ୧୦୯୧୦, ୧୦୯୦୨, ୧୦୯୩୪ ଏବଂ ୧୦୯୨୬ ମାଧ୍ୟମରେ ଏହି ନିଲମ୍ବନ ଆଦେଶକୁ ମହାମହିମ ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଜାରି କରାଯାଇଥିବା କୁହାଯାଉଥିବା ବେଳେ ଜିଲ୍ଲା ଶିଶୁ କଲ୍ୟାଣ କମିଟି ପାଇଁ ଏହା ଏକ ଶକ୍ତ ଝଟ୍‌କା ବୋଲି ଚର୍ଚ୍ଚା ହେଉଛି । ରାୟଗଡା ଶିଶୁ କଲ୍ୟାଣ କମିଟି ଦ୍ୱାରା ଶିଶୁ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ସବୁ ତଦନ୍ତ ପ୍ରକ୍ରିୟାରେ ଜଣାପଡିବା ପରେ ସରକାରଙ୍କ ତରଫରୁ ଏହି କଠୋର ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି । ପ୍ରକାଶ ଥାଉକି ଆନ୍ଧ୍ରପ୍ରଦେଶର ଏକ ଦମ୍ପତିଙ୍କୁ ବେଇଆଇନ୍ ଭାବେ ଶିଶୁ ସନ୍ତାନ ହସ୍ତାନ୍ତର କରାଯାଇଥିବା ବିଷୟ ସାମ୍ନାକୁ ଆସିଥିଲା । ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ରାୟଗଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପାରୁଲ ପଟୱାରୀ ଉପ-ଜିଲ୍ଲାପାଳଙ୍କ ନେତୃତ୍ୱରେ ଏହାର ତଦନ୍ତ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ତଦନ୍ତରେ ବହୁ ଅନିୟମିତତା ଥିବା ବିଷୟ ସାମ୍ନାକୁ ଆସିଥିଲା । ବିଶେଷ ସୂତ୍ରରୁ ପ୍ରାପ୍ତ ତଥ୍ୟ ଆଧାରରେ ଏହି ମାମଲାରେ ପାଞ୍ଚ ଦିନ ଧରି ଜିଲ୍ଲା ପ୍ରଶାସନକୁ ରିପୋର୍ଟ କରିବାରେ ଶିଶୁ କଲ୍ୟାଣ କମିଟିର ବିଫଳତା, ତା୧୧.୧୨.୨୦୨୪ର ଏକ ଅଣପଞ୍ଜିକୃତ ପୋଷ୍ୟ ସନ୍ତାନ ଗ୍ରହଣ ପତ୍ର ପାଇବା ସତ୍ତ୍ୱେ ନିଷ୍କ୍ରିୟତା ଅବଲମ୍ବନ କରିବା ଏବଂ ବେଆଇନ୍ ଦଲିଲ୍ ପ୍ରସ୍ତୁତ କରିବାରେ ସମ୍ପୃକ୍ତ ନୋଟାରୀ ଏବଂ ଆଇନଜୀବୀଙ୍କ ଭୂମିକା ପ୍ରତି ଅବହେଳା ଆଦି ଅନେକ ଗୁଡିଏ ଅନିୟମିତତା ବିଷୟ ତଦନ୍ତରେ ସାମ୍ନାକୁ ଆସିଥିଲା । ଏହିଭଳି ଅନିୟମିତତା ସବୁ ଜଣାପଡିବା ପରେ, ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧକ୍ଷ ଏବଂ ସଦସ୍ୟ ମାନଙ୍କୁ ତା୧୫. ୧୨. ୨୦୨୪ରେ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ତେବେ ଅଧକ୍ଷଙ୍କ ବ୍ୟତୀତ ଅନ୍ୟ କେହି କାରଣ ଦର୍ଶାଅ ନୋଟିସ୍‌ର ଜବାବ ରଖିବାରେ ବିଫଳ ହୋଇଥିଲେ । ତେବେ ଉତ୍ତର ସନ୍ତୋଷ ଜନକ ନଥିବା କାରଣରୁ ଏଭଳି ସମ୍ବେଦନଶୀଳ ମାମଲାରେ ଅବହେଳା ପାଇଁ ଜିଲ୍ଲା ଶିଶୁ କଲ୍ୟାଣ କମିଟିକୁ ଭଙ୍ଗ କରାଯିବା ପାଇଁ କୁଆଡେ ସୁପାରିଶ କରାଯାଇଥିବା କୁହାଯାଉଛି । ଯାହାର ପରିଣାମ ସ୍ୱରୂପ ରାୟଗଡା ଜିଲ୍ଲା ଶିଶୁ କଲ୍ୟାଣ କମିଟିର ସଦସ୍ୟ ଗାଗାରିନ୍ ସବର, ପ୍ରିୟଦର୍ଶନୀ ମହାକୁଲ, କୈଳାସ ଚନ୍ଦ୍ର ପାଳ, ଜ୍ୟୋସ୍ନା ମୟୀଙ୍କ ପାଢ଼ୀଙ୍କ ସମେତ ଅଧକ୍ଷ ବିଦୁଲତା ହୁଇକାଙ୍କୁ ମଧ ନିଲମ୍ବନ ସକାଶୁ ଆଦେଶ ଜାରି କରାଯାଇଥିବା କୁହାଯାଉଛି । ଏହି ମାମଲାର ତଦନ୍ତ ରିପୋର୍ଟରେ ସନ୍ତୋଷ ପ୍ରକାଶ କରି ଜିଲ୍ଲା ଶିଶୁ କଲ୍ୟାଣ କମିଟିର ପ୍ରସ୍ତୁତିର ଅଭାବ, ଶିଶୁ କଲ୍ୟାଣ କମିଟି ପ୍ରୋଟୋକଲ୍‌ର ଅପର୍ଯ୍ୟାପ୍ତ ଜ୍ଞାନ ଏବଂ ଦୁର୍ବଳ ଓ ସଂକଟାଗ୍ରସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବାରେ ବିଫଳତା, ଅବହେଳା ଆଦି ପାଇଁ ବହିଷ୍କାର କରାଯାଇଥିବା ଜଣାପଡିଛି । ରାଜ୍ୟ ସରକାର ଏହି ସମସ୍ତ ଚାରି ଜଣଙ୍କୁ ଶିଶୁ କଲ୍ୟାଣ କମିଟି ସହ ଜଡିତ ସମସ୍ତ ରେକର୍ଡ ଆଦି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରିବାକୁ ପତ୍ର ଯୋଗେ ନିର୍ଦ୍ଦେଶ ଜାରିକରିଥିବା ଜଣାପଡିଛି । ଏହି ଘଟଣା ଜିଲ୍ଲାରେ ଶିଶୁ କଲ୍ୟାଣ ପ୍ରକ୍ରିୟାର ତଦାରଖ, ଶିଶୁ କଲ୍ୟାଣ କମିଟିର କାର୍ଯ୍ୟଶୈଳୀ ଓ ଦୋଷ ଦୁର୍ବଳତାକୁ ଉଜାଗର କରିଥିବା କୁହାଯାଉଛି ।

## ପଦ୍ମାବତୀ କ୍ରସର ଆକ୍ରମଣ ଘଟଣାରେ ୩ କୋର୍ଟ ଚାଲାଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ପଦ୍ମାବତୀ କ୍ରସରର କର୍ମଚାରୀ ଅରଜିତ ଜେନା ହତ୍ୟା ଘଟଣାରେ ଧର୍ମଶାଳା ପୋଲିସ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସତ୍ୟରଞ୍ଜନ ବଳ (୨୪)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ୩ଜଣ ଅଭିଯୁକ୍ତ କ୍ରସରମାଲିକ ବଡ଼ଚଣା ଥାନା ଖୋସାଲପୁର ଗ୍ରାମର ଜ୍ଞାନରଞ୍ଜନ ମହାପାତ୍ର (ସିଲୁ), ଧର୍ମଶାଳା ଥାନା ହରିଦାସପୁର ଗ୍ରାମର ସୌମ୍ୟରଞ୍ଜନ ବିଶ୍ୱାଳ, କୁଆଖିଆ ଥାନା ଜାବରା ଗ୍ରାମର ହେମନ୍ତ କୁମାର ଦେଓ ଫେରାର୍ ଅଛନ୍ତି । ଅନ୍ୟପଟେ ସୋମବାର ସନ୍ଧ୍ୟାରେ ବାଟିଯୋଡ଼ା ଛକ ନିକଟରେ ଚଣ୍ଡିଆ ଗ୍ରାମର ଅର୍ଜିତ ମାଉସୀ ପୁଅ ଭାଇ ସୁଜିତ୍ ଜେନାକୁ ଆକ୍ରମଣ କରିଥିବା ଅଭିଯୋଗରେ ଜେନାପୁର ପୋଲିସ ୨ ଜଣଙ୍କୁ ଗିରଫ କରିଛି । କେସ୍ ନଂ ୧୬୪/ ୨୫ ଅନୁଯାୟୀ ତଦନ୍ତ ପ୍ରକିୟା ଚାଲିଥିବା ବେଳେ ପୋଲିସ ତୁରଙ୍ଗ ଗ୍ରାମର ଚିତ୍ତରଂଜନ ଜେନା ଓ ପ୍ରଭାତ କୁମାର ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ଲକ୍ଷ୍ମୀଧର ସ୍ୱାଇଁ ସୂଚନା ଦେଇଛନ୍ତି ।

## ନାବାଳିକା ଦୁଷ୍କର୍ମକାରୀ ବୃଦ୍ଧଙ୍କୁ ଆଜୀବନ ଜେଲ୍

**କଟକ, ନ୍ୟୁଜ୍ ବ୍ୟୁରୋ**

ଜଣେ ୬ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତ ବୃଦ୍ଧକୁ କଟକ ସ୍ଥିତ ଏଡିଜେ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ପୋକ୍ସୋ ଆଇନ୍‌ର ଧାରା ୬ ଓ ଆଇପିସି ଧାରା ୩୭୬ (ଏବି) ଓ ଆଇପିସିର ଧାରା ୫୦୬ ଅନୁସାରେ ଅଭିଯୁକ୍ତ ତଥା କଟକ ଜିଲ୍ଲା ମାହାଙ୍ଗା ଥାନା ଡିହିଗୋପ ଗ୍ରାମର ପୂର୍ଣ୍ଣଚନ୍ଦ୍ର ଧଳ (୬୨)କୁ ଆଜୀବନ ଜେଲ୍ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ୍ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି । ବିଚାରପତି ସୁନୀତା ପଟ୍ଟନାୟକ ଏପରି ରାୟ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୨୨ ଫେବୃୟାରୀ ୯ ତାରିଖରେ ମାହାଙ୍ଗା ଥାନା ଅଞ୍ଚଳର ପୀଡ଼ିତା ୬ ବର୍ଷୀୟ କୋମଳମତି ନାବାଳିକା ଘରୁ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନାବାଳିକାକୁ ଅଭିଯୁକ୍ତର ଘର ନିକଟରୁ ଉଦ୍ଧାର କରିଥିଲେ । ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର ତା'ସହ ଦୁଷ୍କର୍ମ କରିଥିବା ନେଇ ନାବାଳିକା ଜଣକ ପରିବାର ସମ୍ମୁଖରେ କହିଥିଲା । ଏ ସଂକ୍ରାନ୍ତରେ ନାବାଳିକା ପରିବାର ମାହାଙ୍ଗା ଥାନାରେ ଗତ ୨୦୨୨ ଫେବୃୟାରୀ ୧୦ରେ ଏକ ଏତଲା ଦେଇଥିଲେ । ସେହିଦିନ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ରକୁ ପୋଲିସ ଗିରଫ କରିଥିଲା ବେଳେ ୨୦୨୨ ଏପ୍ରିଲ ୯ରେ ଚାର୍ଜସିଟ୍ ଦାଖଲ କରିଥିଲା ।

## ଦୁଷ୍କର୍ମ ପୀଡ଼ିତାଙ୍କୁ ଅପହରଣ ଉଦ୍ୟମ କରି ୬ ଗିରଫ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**




ବାରମ୍ବାର ଚାପ ପ୍ରୟୋଗ ପରେ ମଧ୍ୟ ବୟାନ ବଦଳାଇବାକୁ ରାଜି ନହେବାରୁ ପୀଡ଼ିତାକୁ ଅପହରଣ ପାଇଁ ସୁପାରି । ସମ୍ବଲପୁର ଜିଲ୍ଲା ଯୁଯୁମୁରା ଥାନା ଅଞ୍ଚଳରେ ଏପରି ଏକ ଘଟଣା ପଦାକୁ ଆସିବା ପରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି । ଏହି ଘଟଣାରେ ପୋଲିସ୍ ଜଣେ ନାବାଳକକୁ ଧରିଥିବା ବେଳେ ଅନ୍ୟ ୬ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ହୀରାକୁଦ ନ୍ୟୁ ମାର୍କେଟ୍ ଅଭିଷେକ ପଲାଇ (୨୭), ବିବେକ ସେନ୍ଦରିଆ (୨୫), ବବଲୁ ବେହେରା (୨୩), ପ୍ରକାଶ ଗୌଡ଼ (୨୧), ରୋହିତ ଛଞ୍ଚାଣ (୨୪) ଓ କାଲୁ ବାହାଦୁର (୨୯) । ଅଭିଯୁକ୍ତ ନାବାଳକକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଇଦିଆଯାଇଛି । ସମସ୍ତ ଅଭିଯୁକ୍ତ ହୀରାକୁଦ ଥାନା ଅଞ୍ଚଳର । ସେମାନଙ୍କ ପାଖରୁ ପୋଲିସ ଗୋଟିଏ କାର୍, ପିସ୍ତଲ, ଭୁଜାଲି, ବେସବଲ୍ ବ୍ୟାଟ୍, ଷ୍ଟିଲ୍ ରଡ୍ ସମେତ ୧୭ ହଜାର ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି । କିନ୍ତୁ, ପୂରା ଘଟଣାର ମାଷ୍ଟର୍‌ମାଇଣ୍ଡ୍ ତଥା ଦୁଷ୍କର୍ମ ଅଭିଯୁକ୍ତ ନବକିଶୋର ନାଏକ ଫେରାର୍ ରହିଛି । ଅତିରିକ୍ତ ଏସ୍‌ପି ପ୍ରକାଶ ଚନ୍ଦ୍ର ଟପ୍ପୋ ଏହି ସୂଚନା ଦେଇଛନ୍ତି । ସୂଚନାନୁଯାୟୀ, ଯୁଯୁମୁରା ଥାନାଞ୍ଚଳର ନବ କିଶୋର ନାଏକଙ୍କ ଘରେ ଜଣେ ଆଦିବାସୀ ନାବାଳିକା ରୋଷେୟା ଭାବେ କାମ କରୁଥିଲେ । ନବର ତାଙ୍କ ଉପରେ ଖରାପ ଦୃଷ୍ଟି ରହିଥିଲା । ସୁଯୋଗ ଦେଖି ସେ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲା । ଏହାସହ ମାନସିକ ନିର୍ଯାତନା ମଧ୍ୟ ଦେଉଥିଲା । ତେବେ, ଦିନକୁ ଦିନ ନିର୍ଯାତନା ବଢ଼ିବାରୁ ପୀଡ଼ିତା ଗତବର୍ଷ ଯୁଯୁମୁରା ଥାନାର ଦ୍ୱାରସ୍ଥ ହୋଇଥିଲେ । ଏନେଇ ପୋଲିସ ଏକ ମାମଲା ରୁଜୁ କରି ନବକୁ ଗିରଫ କରି ଜେଲ୍ ପଠାଇଥିଲା । ବର୍ତ୍ତମାନ ମାମଲା କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଆସନ୍ତା ୧୪ ତାରିଖରେ ମାମଲାର ରାୟ ପ୍ରକାଶ ପାଇବ । ଅପରପକ୍ଷେ, ସ୍ୱାସ୍ଥ୍ୟଗତ କାରଣରୁ ନବ ସର୍ତ୍ତମୂଳକ ଜାମିନ୍‌ରେ ଘରକୁ ଫେରିଛି । ତେବେ ଦୁଷ୍କର୍ମ ଅଭିଯୋଗରେ ତାକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ହେବା ନେଇ ନବ ଆଶଙ୍କା କରି ସେ ମାମଲା ରଫାଦଫା ପାଇଁ ପୀଡ଼ିତାଙ୍କ ଉପରେ ଚାପ ପକାଇ ଆସୁଛି । ପୀଡ଼ିତାଙ୍କୁ ବୟାନ ବଦଳାଇବାକୁ ସମ୍ପର୍କୀୟଙ୍କ ଜରିଆରେ କହୁଛି । କିନ୍ତୁ ପୀଡ଼ିତା ତା' କଥାରେ ରାଜି ନହେବାରୁ ସେ ତାଙ୍କୁ ଅପହରଣ କରିବା ପାଇଁ ଯୋଜନା କରିଥିଲା । ଏଥିପାଇଁ ହୀରାକୁଦର ଅଭିଷେକଙ୍କୁ ସେ ଗତ ୨ ତାରିଖରେ ୩୦ ହଜାର ଟଙ୍କାର ସୁପାରି ଦେଇଥିଲା । ଅଭିଷେକ ଅନ୍ୟ ଅଭିଯୁକ୍ତମାନଙ୍କ ସହ ପୀଡ଼ିତାଙ୍କୁ ଅପହରଣ ଯୋଜନା କରିଥିଲା । ପ୍ରଥମେ ଗତ ୩ ତାରିଖରେ ଅପହରଣ ପାଇଁ ଅଭିଯୁକ୍ତମାନେ ପୀଡ଼ିତାଙ୍କ ଗ୍ରାମକୁ ଯାଇଥିଲେ । ହେଲେ ସେମାନଙ୍କ ଯୋଜନା ଭଣ୍ଡୁର ହୋଇଯାଇଥିଲା । ତେଣୁ ପୁଣି ଗତ ୪ ତାରିଖ ରାତିରେ ପୀଡ଼ିତାଙ୍କ ଘର କବାଟ ବାଡ଼େଇଥିଲେ । ପୀଡ଼ିତା ଏ ସମ୍ପର୍କରେ ଜାଣିବାକୁ ପାଇ ପୋଲିସକୁ ଖବର ଦେଇଥିଲେ । ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ କାବୁ କରି ଗିରଫ କରିଥିଲା । ହେଲେ ମୁଖ୍ୟ ଅଭିଯୁକ୍ତ ନବକିଶୋର ଏବେ ମଧ୍ୟ ଫେରାର୍ ରହିଛି ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ଯୁଦ୍ଧ ପୂର୍ବବର୍ତ୍ତୀ ମକ୍‌ଡ୍ରିଲ୍ ଆରମ୍ଭ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ମୋଟ୍ ୧୭ ଗୋଟି ସ୍ଥାନରେ ଆରମ୍ଭ ହୋଇଯାଇଛି ଯୁଦ୍ଧ ପୂର୍ବବର୍ତ୍ତୀ ମକ୍‌ଡ୍ରିଲ୍ । ଜିଲ୍ଲାର ମୋଟ୍ ୯ ଗୋଟି ବ୍ଲକ୍ ମଧ୍ୟରୁ ୮ଟି ବ୍ଲକ୍‌ର ୧୬ ଗୋଟି ସ୍ଥାନରେ ମକ୍‌ଡ୍ରିଲ୍ ହୋଇଯାଇଛି । ସେହିପରି କେନ୍ଦ୍ରାପଡା ସହର ମଧ୍ୟସ୍ଥ ପୁରୁଣା ବସ୍ ଷ୍ଟାଣ୍ଡରେ ମଧ ମକ୍ ଡ୍ରିଲ୍ କରାଯାଇଛି । ସମ୍ଭାବ୍ୟ ଯୁଦ୍ଧକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ଏହି ମକ୍‌ଡ୍ରିଲ୍ କରାଯାଇଥିଲା । ତେବେ ଜନସାଧାରଣଙ୍କୁ ସଚେତନ କରିବା ସହିତ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ କିଭଳି ନିଜକୁ ସୁରକ୍ଷିତ ରଖିହେବ ସେ ନେଇ ଜନ ସଚେତନତା କରାଯାଇଥିଲା । ଏ ନେଇ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଆଭାସୀ ମାଧ୍ୟମରେ ରାଜ୍ୟ ଗୃହ ମନ୍ତ୍ରଣାଳୟ ସହିତ ଜିଲ୍ଲା ପ୍ରଶାସନର ଏହି ବୈଠକରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ବୁଧବାର ଦିନ ୪ଟାରେ ସମଗ୍ର ଜିଲ୍ଲାରେ ମକ୍‌ଡ୍ରିଲ୍ କରାଯିବା ସହ ସାଇରନ୍ ବାଜିଥିଲା । ଜନସାଧାରଣ ଭୟଭୀତ ନହୋଇ ଯୁଦ୍ଧ ସମୟରେ ନିଜକୁ ତଥା ପରିବାର ବର୍ଗଙ୍କୁ ସୁରକ୍ଷିତ ଭାବରେ ରଖିବା ପାଇଁ ଏହି ମକ୍‌ଡ୍ରିଲ୍ କରାଯାଇଥିଲା । ଛାତ୍ରଛାତ୍ରୀ, ଜନସାଧାରଣ ଏକ ସକରାତ୍ମକ ଦୃଷ୍ଟିଭଙ୍ଗୀରେ ଏହି କାର୍ଯ୍ୟକ୍ରମକୁ ଅନୁସରଣ କରି ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା କରିପାରିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଇଛି । କାଶ୍ମୀରର ପହେଲଗାମ ଠାରେ ପାକିସ୍ଥାନ ପ୍ରେରିତ ଆତଙ୍କବାଦୀଙ୍କ ଦ୍ୱାରା ଗଣହତ୍ୟା ଅନୁଷ୍ଠିତ ହେବା ପରେ ଦେଶସାରା ଏହାର ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହି ଅବସ୍ଥାରେ ଭାରତ ପାକିସ୍ଥାନ ଯୁଦ୍ଧ ଅନୁଷ୍ଠିତ ହେବ ବୋଲି ଆଶଙ୍କା କରଯାଉଥିବା ବେଳେ ଯୁଦ୍ଧ ସମୟରେ ଜନ ସାଧାରଣ କିପରି ନିଜକୁ ସୁରକ୍ଷିତ ରଖିବେ ସେ ନେଇ ଏହି ପଦକ୍ଷେପ ନିଆଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ, ଏସ୍‌ଡିପିଓ, ୧୪ଟି ଥାନାର ଅଧିକାରୀଙ୍କ ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






**ମେଷ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଆର୍ଥିକ ଅଭିବୃଦ୍ଧିର ଆଶା । ସମସ୍ୟା ହେତୁ ବନ୍ଧୁ ଆପଣଙ୍କ ସାହାଯ୍ୟ କରିବେ । ପାରିବାରିକ ସୁଖ ଶାନ୍ତି ଲାଭ ସହିତ ପ୍ରତିଷ୍ଠା ଲାଭ କରିବେ ।



**ବୃଷ:** ଘାତଚନ୍ଦ୍ର ହେତୁ ସାବଧାନତା ରହିବେ । ହଠାତ୍ ସମସ୍ୟା ଦେଖାଦେଇପାରେ । ଏଣୁ ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବ । ପରିବାରରେ ସମସ୍ୟା ଦେଖାଦେଇପାରେ ।



**ମିଥୁନ:** ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି । ପାରିବାରିକ ସମସ୍ୟା ଦେଖାଦେଇପାରେ । ସୁସ୍ଥ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ ।




**କର୍କଟ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନୀତ ହେବନାହିଁ । ପାରିବାରିକ ଶାନ୍ତି ଅବ୍ୟାହତ ରହିବ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ବିବାଦୀୟ ବିତର୍କ ଠାରୁ ଦୂରେଇ ରହିବା ଭଲ । ମହିଳାମାନେ ଗର୍ବୀ ହେବେ ।



**ସିଂହ:** ଆଶା ରଖି କାର୍ଯ୍ୟ କରି ସଫଳତା ହାସଲ କରିବେ । ଶୁଭ ଖବର ପାଇପାରନ୍ତି । ପରୋପକାରୀ ହେବେ । ଅର୍ଥ ପ୍ରାପ୍ତି ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦୂରଯାତ୍ରା କରିପାରନ୍ତି ।




**କନ୍ୟା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ମାନସିକ ଶାନ୍ତି ଅବ୍ୟାହତ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନ ମିଳିପାରେ । ଗୃହେ ଆନନ୍ଦ ଦେଖାଦେବ ।



**ତୁଳା:** ଆଜି ଆପଣଙ୍କର ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ସାମାନ୍ୟ ଅସୁସ୍ଥତା ଦେଖାଦେବ । ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ । ଶତ୍ରୁଙ୍କ ପ୍ରତି ସତର୍କ ରହିବେ । ଗୃହେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବିଛା:** ଆଜି ଆପଣଙ୍କର ଆୟ ଯୋଗ ରହିଛି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ବନ୍ଧୁଙ୍କ ଆଗମନର ସୂଚନା । ସୁସ୍ୱାଦୁ ଭୋଜନ ମିଳିପାରେ । ପାରିବାରିକ ସୁଖ ଓ ସମ୍ମାନ ଲାଭ ହେବ ।



**ଧନୁ:** କର୍ତ୍ତବ୍ୟ ପରାୟଣ ହେବେ । କର୍ମକ୍ଷେତ୍ର ଉଜ୍ଜ୍ୱଳମୟ ହେବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ରୋଜଗାରର ପରିମାଣ ସ୍ଥିର ରହିବ । ଠକମାନଙ୍କ ଠାରୁ ଦୂରେଇ ରୁହନ୍ତୁ । ମନ ଅସ୍ଥିର ରହିବ ।



**ମକର:** ଦେବ ଦର୍ଶନ ସହିତ ସେବା ପୂଜାର ସୁଯୋଗ ସୃଷ୍ଟି ହେବ । ଶତ୍ରୁମାନେ ପରାଜିତ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।



**କୁମ୍ଭ:** ଶାରୀରିକ ପୀଡା ଦେଖାଦେଇପାରେ । ବନ୍ଧୁଙ୍କ ସହ ସାକ୍ଷାତ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ । ଅଧିକ ପରିଶ୍ରମ କରିପାରନ୍ତି । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମୀନ:** ପରିବାରରେ ଆନନ୍ଦ ଉତ୍ସବ ଲାଗି ରହିବ । କର୍ମକ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ । ଧନ ଲାଭ ହେବ । ବାକିଥିବା କାମ ସମ୍ପାଦନ ହେବ । ମହିଳାମାନେ ସୁଖୀ ହେବେ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୮।୫।୨୦୨୫, ବୈଶାଖ ଦ୨୫ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୪।୪୬** **ଚନ୍ଦ୍ରୋଦୟ- ଦିଘ ୨।୪୫।୦୬**

**ଏକାଦଶୀ-** ଦିଘ ୧୨।୨୯ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍‌ଗୁନି ନକ୍ଷତ୍ର -** ରାଘ ୯।୦୭ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଦିଘ ୧୨।୨୯ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୮ ଗତେ ଘ ୭।୦୧ ମଧ୍ୟେ । ଦିଘ ୧୦।୨୬ ଗତେ ଘ ୧୨।୫୯ ମଧ୍ୟେ । **ପର୍ବୋତ୍ସବ-** ସର୍ବସମ୍ମତ ମୋହିନୀ ଏକାଦଶୀ, ଶ୍ରୀଲକ୍ଷ୍ମୀନାରାୟଣ ବ୍ରତ, ରେଡ଼କ୍ରସ୍ ଦିବସ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୯।୫।୨୦୨୫, ବୈଶାଖ ଦ୨୬ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୪।୧୭** **ଚନ୍ଦ୍ରୋଦୟ- ଦିଘ ୩।୩୨।୫୨**

**ଦ୍ୱାଦଶୀ-** ଦିଘ ୨।୫୬ ପର୍ଯ୍ୟନ୍ତ । **ହସ୍ତା ନକ୍ଷତ୍ର -** ରାଘ ୧୨।୦୯ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ସିଂହ, କନ୍ୟା, ବିଛା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୨।୫୬ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୭ ଗତେ ଘ ୬।୦୯ ମଧ୍ୟେ । ଦିଘ ୧୨।୦୯ ଗତେ ଘ ୨।୪୩ ମଧ୍ୟେ । **ପର୍ବୋତ୍ସବ-** ରବୀନ୍ଦ୍ରନାଥ ଠାକୁର ଜୟନ୍ତୀ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି ହେଉଛି ଭାରତ

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି। ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

# ମରିବାକୁ ଏତେ ବ୍ୟସ୍ତ କାହିଁକି

ଦିପ୍ତିମୟୀ ନାୟକ
ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ-୯୦୯୦୬୬୧୫୮୬

ଏ ଦୁନିଆରେ ଏମିତି ଅନେକ ଲୋକ ଥାଆନ୍ତି ଯେଉଁମାନେ ପ୍ରତି ମୁହୂର୍ତ୍ତରେ ମରିବାପାଇଁ ସୁଯୋଗ ଖୋଜୁଥାଆନ୍ତି । ଚାକିରି ସମସ୍ୟା, ବିବାହ ସମସ୍ୟା, ବିବାହ ବିଚ୍ଛେଦ ସମସ୍ୟା, ପାରିବାରିକ ସମସ୍ୟା, ରୋଗରୁ ମୁକ୍ତି ପାଇବା ସମସ୍ୟା, ପ୍ରେମ ସମସ୍ୟା ଏମିତି ଅନେକ ସମସ୍ୟା ପାଇଁ ବେଳେବେଳେ କିଛି ଯୁବକ ଯୁବତୀ ହୁଅନ୍ତୁ କିମ୍ବା କୌଣସି ସାଂସାରିକ ଲୋକ ହୁଅନ୍ତୁ ନଚେତ କୌଣସି ବୃଦ୍ଧ ଲୋକ ହୁଅନ୍ତୁ ଏମାନେ କିଛି ଲୋକଙ୍କ ସାମ୍ନାରେ ମଧ୍ୟ କହି ଦେଇଥାଆନ୍ତି ସମସ୍ତଙ୍କୁ ମରଣ ହେଉଛି ଆମକୁ କାହିଁକି କେଜାଣି ମରଣ ହେଉନି । ଏକଥା ଶୁଣି ମନକୁ ବେଳେବେଳେ ଅନେକ ପ୍ରଶ୍ନ ଉଙ୍କି ମାରିଥାଏ । ଆଉ ସେହି ପ୍ରଶ୍ନର ଉତ୍ତର ଖୋଜିବାପାଇଁ ମନରେ ମନ ଉତ୍ତର ଚାହୁଁଥାଏ। ଏମାନେ କାହିଁକି କେଜାଣି ମରିବାକୁ ଏତେ ବ୍ୟସ୍ତ ହୋଇଯାଉଛନ୍ତି। ଚାକିରି ସମସ୍ୟା, ବିବାହ ସମସ୍ୟା, ବିବାହ ବିଚ୍ଛେଦ ସମସ୍ୟା, ପାରିବାରିକ ସମସ୍ୟା, ରୋଗରୁ ମୁକ୍ତି ପାଇବା ସମସ୍ୟା, ପ୍ରେମ ସମସ୍ୟା କି ଅଲଗା କିଛି ସମସ୍ୟା ହେଉ ଏସବୁରୁ ମୁକ୍ତି ପାଇବାପାଇଁ କଣ ମରଣ ଏକମାତ୍ର ସମସ୍ୟାର ସମାଧାନ କି? ଯଦି ଏସବୁ ସମସ୍ୟାର ସମାଧାନ ମରଣ ନୁହେଁ ତାହେଲେ କାହିଁକି ଲୋକମାନେ ମରିଯିବା କଥା କହିଥାଆନ୍ତି। ମରିବାକୁ ଚାହିଁଲେ ଲୋକ ଲଜ୍ୟା ନମରିପାରିଲେ ଜିଅନ୍ତା ଶବ । ତେଣିକି ମରଣ ହେଉ ସବୁ ସମସ୍ୟାର ମୁକ୍ତି ମିଳିଯାଉ ବୋଲି ଲୋକମାନେ କହିଥାଆନ୍ତି । ତେବେ ଏଠାରେ ଗୋଟେ କଥା ନିଶ୍ଚିନ୍ତ ଭାବରେ କହିବି ଚାକିରି କରିବାର ଇଚ୍ଛା ଥିଲେ ଯେକୌଣସି ଚାକିରି କରିପାରିବ। କୌଣସି କାମ ବଡ଼ ହୋଇନଥାଏ କି କୌଣସି କାମ ଛୋଟ ହୋଇନଥାଏ । ବିବାହ ସମସ୍ୟା ମଧ୍ୟ କୌଣସି ସମସ୍ୟା ହୋଇନଥାଏ ହୁଏତ ବିଳମ୍ବରେ ବିବାହ ହୋଇଥାଏ ଜୀବନକୁ ଗୋଟେ ନୂଆ ସାଥୀର ସାହାରା ମିଳିଥାଏ । ହୁଏତ ଲୋକ କହିବେ ଅନେକ କଥା ତା ବୋଲି ନୁହେଁ ମରଣକୁ ସବୁ ସମସ୍ୟାର ସମାଧାନ ଭାବିଦେବା । କିଛି ଲୋକଙ୍କର ବିବାହ ପରେ ବିଚ୍ଛେଦ ହେଉଛି ଯେଉଁ ସମସ୍ୟା ପରବର୍ତ୍ତୀ ସମୟରେ ମଣିଷକୁ ଏକା ବଞ୍ଚିବା ଶିଖେଇ ଦେଉଛି କିନ୍ତୁ କିଛି ଜଣ ମାନସିକ ସ୍ତରରେ ଦୁର୍ବଳ ହୋଇଯାଉଛନ୍ତି ଯାହାଫଳରେ ସେମାନେ ନିଜ ମରଣକୁ ପ୍ରତି ମୁହୂର୍ତ୍ତରେ ଖୋଜୁଛନ୍ତି । ପାରିବାରିକ ସମସ୍ୟା ସବୁ ପରିବାରରେ ଥାଏ କିନ୍ତୁ କିଛି ଲୋକ ପାରିବାରିକ ସମସ୍ୟାରୁ ମୁକ୍ତି ପାଇବାପାଇଁ ନିଜେ ମରିଯାଇଥାନ୍ତି ତ ଆଉ କିଏ ମରଣ ହେଉନି କାହିଁକି କେଜାଣି କହିଦେଇଥାନ୍ତି । ଆଉ କିଛି ଲୋକ ନିଜ ରୋଗରୁ ମୁକ୍ତି ପାଇବା ପାଇଁ ମରଣକୁ ଖୋଜିଥାଆନ୍ତି କାରଣ ଏମାନେ ଭାବିଥାଆନ୍ତି ଡାକ୍ତରଙ୍କର ଯେଉଁ ଔଷଧ ଏମାନଙ୍କ ଯନ୍ତ୍ରଣାକୁ ଠିକ କରିପାରୁନି ଏମାନେ କେମିତି ଏତେ ଯନ୍ତ୍ରଣା ସହିକି ରହିବେ ଜାଣିକି ମରଣ ହୋଇଗଲେ ସବୁ ସମସ୍ୟାର ସମାଧାନ ହୋଇଯାଆନ୍ତା ବୋଲି କହିଦେଇଥାନ୍ତି । ଠିକ ସେହିଭଳି ପ୍ରେମ ସମସ୍ୟା ଭାରି ଭୟଙ୍କର । ହୁଏତ ପାଗଳଙ୍କ ପାଗଳାମିକୁ ରୋକି ହେବ କିନ୍ତୁ ପ୍ରେମରେ ଟିକେ ଧୋକା ମିଳିଲେ ଏମାନେ ନିଜ ଜୀବନ ହାରିଦେବେ ନହଲେ କହିବେ ପ୍ରେମତ ମିଳିଲାନି ଜାଣିକି ମରଣ ହୋଇଯାଆନ୍ତା କି । ଏମିତି ପ୍ରତ୍ୟେକଟି ସମସ୍ୟାରେ ଆଜିର ଯୁବପିଢ଼ି ହୁଅନ୍ତୁ କିମ୍ବା କୌଣସି ସାଂସାରିକ ମଣିଷ ହୁଅନ୍ତୁ ନଚେତ କୌଣସି ବୃଦ୍ଧ ହୁଅନ୍ତୁ ସମସ୍ତେ ସମସ୍ତଙ୍କ ସମସ୍ୟାରୁ ମୁକ୍ତି ପାଇବାପାଇଁ ମରଣକୁ ଖୋଜିଥାଆନ୍ତି ।

ତେବେ ମଣିଷ ଜନ୍ମ ମାନେ ଜୀବନ ହାରିବା କି ମରଣକୁ ଖୋଜିବା ନୁହେଁ । ମଣିଷ ଜୀବନ ମାନେ ଦୁଃଖ ଭିତରେ କେଇକ୍ଷଣ ଖୁସିକୁ ସାଉଁଟି ନିଜେ ହସିବା ଅନ୍ୟକୁ ହସାଇବା । ପ୍ରତ୍ୟେକଟି ସମସ୍ୟାର ସମାଧାନର ରାସ୍ତା ଖୋଜିବା। ବୟସ ହୋଇଗଲେ ତ ଆମେ ସମସ୍ତେ ନିଶ୍ଚିନ୍ତ ମରିବା କିନ୍ତୁ କାହିଁକି ବଞ୍ଚି ଥାଉ ଥାଉ ନିଜ ଜୀବନକୁ ମରଣ ଚିନ୍ତାରେ ଅଧା ଶେଷ କରିଦେବା । ଯେମିତି ଗଛରେ ଫଳିଥିଲା କଞ୍ଚା ଆମ୍ବଟି ଗଛରେ ଥାଏ ପାଚିଗଲା ପରେ ଗଛରୁ ତଳକୁ ଖସିପଡିଥାଏ ଠିକ ସେମିତି ମଣିଷ ଯେତେବେଳେ ବୃଦ୍ଧ ବୟସରେ ଉପନୀତ ହେବ ସେ ଆପେ ମରିବ । ତେଣୁ ସେ ମରିବା ଚିନ୍ତାରେ ସାରା ଜୀବନକୁ କାହିଁକି ନଷ୍ଟ କରିବ । ସବୁବେଳେ ସମସ୍ତେ ଖୁସିରେ ରୁହନ୍ତୁ ମରିବା ଚିନ୍ତା ଠାରୁ ଦୂରେଇ ରୁହନ୍ତୁ । ଆଉ ଯଦି କିଛି ସମସ୍ୟା ଆସୁଛି ଜୀବନରେ ସେହି ସମସ୍ୟାକୁ ଦୂର କରିବାପାଇଁ ନିଜର ଧୈର୍ଯ୍ୟ ସବୁବେଳେ ରଖନ୍ତୁ ନିଜ ପାଖରେ ।

# ଆର୍ଯ୍ୟ ସତ୍‌ସଙ୍ଗର ଅନନ୍ୟ ବାର୍ତ୍ତାବହ : ରଜତ କର



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ, ଏନ -୧/
୧୮୩ ଆଇ.ଆର.ସି ଭିଲେଜ
ଭୁବନେଶ୍ୱର -୧୫
ମୋ-୯୭୭୮୦୩୦୪୯୪

ଋଷିର ଦେଶ ଭାରତରେ ଅନେକ ଯୁଗପୁରୁଷ ଅବତାର ଗ୍ରହଣ କରିଛନ୍ତି। ନିଜ ନିଜ ବୌଦ୍ଧିକ ଜାଗ୍ରତି ବଳରେ ଗୁରୁ, ମହାଗୁରୁ, ସନ୍ଥ, ମହାପୁରୁଷ ଆଦି ଅନେକ ଉପାଧି ପାଇ ନିଜର ଆଧ୍ୟାତ୍ମିକ ସମ୍ପ୍ରଦାୟ ପ୍ରତିଷ୍ଠା କରିଛନ୍ତି। ମାତ୍ର ଏଭଳି କ୍ୱଚିତ୍ ସଂସ୍ଥା ବା ସତ୍‌ସଙ୍ଗ ଅଛି ଯାହା ସାଂସାରିକ ଜୀବନରେ ରହି ମଧ୍ୟ ସନ୍ୟାସୀର ବ୍ରତ ପାଳନ କରିବାର ପଥ ଦେଖାଇଥାଏ। ଏହି ପରି ଜଣେ ସାଂସାରିକ ସନ୍ୟାସୀ ମହାପୁରୁଷ ଥିଲେ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର ଚକ୍ରବର୍ତ୍ତୀ। ପୂର୍ବ ଭାରତ ଓ ଉତ୍ତର-ପୂର୍ବ ଭାରତରେ ଠାକୁର କହିଲେ ଅନୁକୂଳ ଚନ୍ଦ୍ରଙ୍କୁ ହିଁ ବୁଝାଏ। ତାଙ୍କର ନୀତିବାଣୀ, ତାଙ୍କର ଆଦର୍ଶ, ତାଙ୍କର ଶିକ୍ଷା ବର୍ତ୍ତମାନ ସମୟରେ କେତେ ପାଳନ କରାଯାଉଛି ତା' ଠାରୁ ଅଧିକ ମହତ୍ତ୍ୱ ହେଲା ଏହି ବାଣୀର ତାତ୍ତ୍ୱିକ ଅର୍ଥ ଆଜି ମଧ୍ୟ ବଳିଷ୍ଠ। ବିଂଶ ଶତାବ୍ଦୀର ମଧ୍ୟ ଭାଗରେ ନିଜର ୮୧ ବର୍ଷର ଦୀର୍ଘ ଜୀବନକୁ ତ୍ୟାଗ କରି ଠାକୁର ଯେତେବେଳେ ସ୍ୱର୍ଗାରୋହଣ କଲେ ସେତେବେଳେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସତ୍‌ସଙ୍ଗ ଏହାର ସତ୍‌ସଙ୍ଗୀଙ୍କୁ ପ୍ରଚାର ପ୍ରସାର କରିବାରେ, ବିଶେଷତଃ ଓଡ଼ିଶାରେ ଯେଉଁ କେତେକ ସତ୍‌ସଙ୍ଗୀଙ୍କ ପ୍ରମୁଖ ଭୂମିକା ରହିଥିଲା ସେମାନଙ୍କ ମଧ୍ୟରୁ ଡ. ରଜତ କୁମାର କର ଥିଲେ ଅନ୍ୟତମ। ୧୯୬୮ ମସିହାରେ ରଜତ କର ଯୋଡି ହୁଅନ୍ତି ଆର୍ଯ୍ୟ ସତ୍‌ସଙ୍ଗରେ। ଦୀକ୍ଷା ନେବାର ଗୋଟିଏ ସର୍ତ୍ତ ରଖି କହିଥିଲେ "ମୁଁ ଠାକୁରଙ୍କ ସ୍ୱହସ୍ତରୁ ଦୀକ୍ଷା ନେବାକୁ ଆଗ୍ରହୀ।' ଯେଉଁ ସମୟର ଏହି କଥା ସେଇ ସମୟରେ ଠାକୁର ପ୍ରାୟତଃ ଜ୍ଞାନ ସମାଧିରେ ରହୁଥିଲେ ଏବଂ ଖୁବ୍ କମ୍ ଲୋକଙ୍କୁ ପ୍ରତ୍ୟକ୍ଷ ଭାବେ ସାକ୍ଷାତ କରୁଥିଲେ। ଆର୍ଯ୍ୟ ସତ୍‌ସଙ୍ଗର ଅନ୍ନାଆଶ୍ରମ ଦେଶ-ବିଦେଶର ଅନେକ ସ୍ଥାନରେ ଖୋଲି ପରୋକ୍ଷରେ ଋତିକ୍ (ଦୀକ୍ଷା ପ୍ରଦାନ କରିବାକୁ ସ୍ୱୀକୃତ ବ୍ୟକ୍ତି)ମାନେ ଠାକୁରଙ୍କ ନାମରେ ଦୀକ୍ଷା ଦେଉଥିଲେ। ମାତ୍ର ଶ୍ରୀ କର ନିଜ ଜିଦ୍‌ରେ ଅଚଳ ରହି ଶେଷରେ ଠାକୁରଙ୍କ ସାକ୍ଷାତ ଦର୍ଶନ କରି ତାଙ୍କ ସାନ୍ନିଧ୍ୟରେ ଦିକ୍ଷା ନେଲେ। ଏହି ସମୟରେ ବିନା କୌଣସି ପୂର୍ବାଗ୍ରହରେ ଠାକୁର ହଠାତ୍ ତାଙ୍କୁ ଆଦେଶ ଦେଲେ ଯେ ଭାରତର ବାର୍ତ୍ତା, ଭାରତର ଚିନ୍ତା ଓ ଚେତନା ବିଷୟରେ ଏକ ପୁସ୍ତକ ଲେଖିବାକୁ । ଠାକୁର କହିଲେ "ନିଜେ କେ ସନ ଅଫ୍ ଇଣ୍ଡିଆ ମନେ କରି ତୁମାର ଗୁରୁଦେବେର ବାଣୀ, ଭାରତର ବାର୍ତ୍ତାକୁ ନେଇ ତୁମ ଭାରତ ଦୀପ୍ତି ବହି ଲିଖବେ।"

ପିଲାଟିଦିନୁ ବାପାଙ୍କ ପ୍ରେସ ଓ ମା'ଙ୍କ ପୂଜା ଘରେ ରହି ଯେଉଁ ଆଧ୍ୟାତ୍ମିକ ଚେତନା ଜନ୍ମ ହୋଇଥିଲା ଗୁରୁଙ୍କ ସାନ୍ନିଧ୍ୟରେ ତାହା ପରିପକ୍ୱ ହେଲା। "ଭାରତ ଦୀପ୍ତି" ରଚନା ସହ ଓଡ଼ିଶାରେ ଆର୍ଯ୍ୟ ସତ୍‌ସଙ୍ଗର ପ୍ରଚାର ଓ ପ୍ରସାର ପାଇଁ ଠାକୁରବାଣୀ ନିସୃତ ପ୍ରାର୍ଥନା "ନିବେଦନ ଗୀତିକା"କୁ ମଧ୍ୟ ଓଡ଼ିଆରେ ଅନୁବାଦ କରି ଜନ-ଜନ ପାଖକୁ ଆର୍ଯ୍ୟ ସତ୍‌ସଙ୍ଗର ବାର୍ତ୍ତା ପହଞ୍ଚାଇଲେ ଶ୍ରୀ କର। ଶିକ୍ଷା-ସଂସ୍କୃତି-ସାହିତ୍ୟର ସେବା ଯେପରି ଧୂରୀଣ ଥିଲେ, ସତ୍‌ସଙ୍ଗର କାର୍ଯ୍ୟରେ ମଧ୍ୟ ସେହିପରି ଭାବେ ସକ୍ରିୟ ଥିଲେ ରଜତ କର। ଆଜି ମନେ ପଡେ ସତ୍‌ସଙ୍ଗ ମାନଙ୍କରେ ଠାକୁରଙ୍କ ବାଣୀ ବୁଝାଇଲା ବେଳକୁ ଧର୍ମର ବ୍ୟାଖ୍ୟାନ କରି ଶ୍ରୀ କର କହୁଥିଲେ "ମଣିଷର ଧର୍ମ ଏକ, ଅନେକ ନୁହେଁ- ଏହି କଥା ବୁଝାଇବାକୁ ସବୁବେଳେ ମହାପୁରୁଷମାନେ ଆସିଛନ୍ତି। ଭଗବାନ ନିଜେ ମଣିଷ ରୂପରେ ଆସି ପ୍ରକୃତଧର୍ମର ସ୍ୱରୂପ ବ୍ୟାଖ୍ୟା କରିଛନ୍ତି।" ଧର୍ମର ଏହି ବ୍ୟାଖ୍ୟାନ ସେ ପାଇଥିଲେ ତାଙ୍କ ଆଧ୍ୟାତ୍ମିକ ଗୁରୁ ଠାକୁରଙ୍କ ଠାରୁ ଏବଂ ସେଇ ବାର୍ତ୍ତାକୁ ସାରା ରାଜ୍ୟରେ ବୁଲି ବୁଲି ପ୍ରଚାର କରିଥିଲେ। ଠାକୁରଙ୍କ ମୂଳ ଚିନ୍ତାଧାରା ଥିଲା ଅତ୍ୟନ୍ତ ଉନ୍ନତ ଏବଂ ସେବେଳର ଋତିକ୍‌ମାନେ ଏହି ମୂଳ ଚିନ୍ତାଧାରାକୁ ହିଁ ବହୁଳଭାବେ ପ୍ରଚାର କରୁଥିଲେ। ମାତ୍ର ଆଜି କିଛି ଲୋକଙ୍କ ବ୍ୟବସାୟ ପ୍ରଭୃତି ପାଇଁ ଏହି ମୂଳ ଚେତନ ଲୁପ୍ତ ହେଉଛି। ଆର୍ଯ୍ୟ ସତ୍‌ସଙ୍ଗରେ କୀର୍ତ୍ତନ ସହ ଶାସ୍ତ୍ର ଆଲୋଚନାର ମଧ୍ୟ ବିଶେଷ ସ୍ଥାନ ଥାଏ, ଏହି ଶାସ୍ତ୍ର ଆଲୋଚନା ସମୟରେ ରଜତ କରଙ୍କ ଓଜସ୍ୱୀ ଭାଷଣ ପ୍ରତ୍ୟକ ସତ୍‌ସଙ୍ଗୀକୁ ଉତ୍‌ଫୁଲ୍ଲିତ କରୁଥିଲା। ଗୁରୁଙ୍କ ଚେତନାକୁ ନିଜ ଭିତରେ ଅନୁଭବ କରି ଶ୍ରୀ କର ଲେଖିଲେ -

"ଜୟ ଜୟ ଜଗଦ୍‌ଗୁରୁ ପ୍ରଭୁ ଅନୁକୂଳ
ଆକୁଳ ପରାଣ ମୋର ହୋଇଲା ଶୀତଳ
ସାକ୍ଷାତ ମାତ୍ରକେ ଦେବ ହେଲେ ଗଦଗଦ
ମୁହୂର୍ତ୍ତକେ ଦେଲ ଗୁରୁ ଅତୁଳ ସମ୍ପଦ
ଭାରତ ଦୀପ୍ତି ପୁସ୍ତିକା କରି ପ୍ରଣୟନ
ଗୁରୁ ପ୍ରଚାରିତ ଗାଥା କରିବି ଗାୟନ"।।


ଆର୍ଯ୍ୟ ସତ୍‌ସଙ୍ଗର ପ୍ରତିଟି ସଭାର ପ୍ରାରମ୍ଭରେ ଠାକୁରଙ୍କ ମୁଖ ନିସୃତ ପ୍ରାର୍ଥନା- "ଦୟାଲ ଆମାର ! ପ୍ରଭୁ ଆମାର! ବିଭବ-ବିଭୁତି ସତ୍ତା ! ଗାନ କରାଯାଉଥିବା ବେଳେ ସଭାର ଶେଷରେ ରଜତ କରଙ୍କ ଦ୍ୱାରା ଏହା ଓଡ଼ିଆ ପଦ୍ୟାନୁବାଦ ଗାନ କରାଯାଉଥିଲା-

"ଦୟାଳୁ ମୋହର ପ୍ରଭୁ ଆହେ ମୋର
ବିଭବ ବିଭୂତି ସତ୍ତା !
ଆହେ ମୋର ବିଭୁ ପାଳକ ମୋ ପ୍ରଭୁ
ମୋ ଧୃତି ଦୀପନୀ ଗୋପ୍ତା (୧)"

ଭଜନ, କୀର୍ତ୍ତନ, ଭାଷଣ ଓ ଆଲୋଚନା ମାଧ୍ୟମରେ ରଜତ କୁମାର କର ତାଙ୍କ ଜୀବନର ଅର୍ଦ୍ଧଶତାବ୍ଦୀ ଏହି ଆର୍ଯ୍ୟ ସତ୍‌ସଙ୍ଗ ସେବାରେ ଦେଇଛନ୍ତି। ନିଜସ୍ୱ ଅନୁଭୂତିକୁ ପାଥେୟ କରି ଅନେକଙ୍କୁ ଗୁରୁଦୀକ୍ଷା ଦେଇଛନ୍ତି ଓ ସତ୍‌ସଙ୍ଗ ସହ ଯୋଡିଛନ୍ତି। ତାଙ୍କର ସାହିତ୍ୟ-ସଂସ୍କୃତି କ୍ଷେତ୍ରର ଅବଦାନ ଓ ଶିକ୍ଷା କ୍ଷେତ୍ରର ଉପଲବ୍ଧି ବହୁଳ ଭାବେ ଚର୍ଚ୍ଚିତ, ମାତ୍ର ଆଧ୍ୟାତ୍ମିକ ଦିଗର ଏହି ସତ୍‌ସଙ୍ଗ ସଂପର୍କ ଖୁବ୍‌କମ୍ ଆଲୋଚିତ, ମାତ୍ର ସତ୍‌ସଙ୍ଗ ତାଙ୍କ ଜୀବନର ଏକ ଅବିଚ୍ଛିନ୍ନ ଅଙ୍ଗ, ସେଥିପାଇଁ ଦେହ ତ୍ୟାଗ କଲା ବେଳେ ଯେଉଁ ତିନୋଟି ବାକ୍ୟ ସେ କହିଥିଲେ-

"ଜୟ ଜଗନ୍ନାଥ, ଜୟ ଅନନ୍ତଶ୍ରୀ ବାବା, ଜୟ ମା'କଳିଙ୍ଗ ଭାରତୀ" ଏଥିରେ ଥିଲେ, ପ୍ରଭୁ ଜଗନ୍ନାଥ- ତାଙ୍କ ଜୀବନର ଆଧାର, ଠାକୁରଙ୍କ ପୌତ୍ର ଓ ପରବର୍ତ୍ତୀ ଗୁରୁସ୍ୱରୂପ ଅନନ୍ତ ଶ୍ରୀବାବା ଓ ସାହିତ୍ୟ ସଂଗ୍ରାମର ସେଇରଣ ହୁଙ୍କାର-ମା' ଭାରତୀର ଜୟଗାନ।

# ଗତିଚ୍ୟୁତି ଆଜି ସବୁଠି



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
୯୮୬୧୦୩୪୧୬୩

ମଣିଷ ହୁଅନ୍ତୁ କି ଜୀବଜନ୍ତୁ – ଯେତେବେଳେ ଗତିଚ୍ୟୁତି ହେବେ – ସେତେବେଳେ ଛନ୍ଦ ହରାଇଦେବେ। ଗତିଶୀଳତାରେ ନାହାଁନ୍ତି ତ ଛନ୍ଦ ହଜାଇଛନ୍ତି । ଛନ୍ଦ ବଦଳରେ ତା'ପରେ ସବୁ ମନ୍ଦ । ଏ ମନ୍ଦରୁ ମାନ୍ଦା । ଏ ମାନ୍ଦାରୁ ମାନ୍ଦାବସ୍ଥା ମାନଚିତ୍ରରୁ ଆରମ୍ଭକରି ମଇଦାନ ପର୍ଯ୍ୟନ୍ତ। ପ୍ରଗତି କେବଳ ପୋଷ୍ଟର - ପ୍ରତିଦିନ ପ୍ରହସନ ।

ଏଇ ଗତିଚ୍ୟୁତି ସମ୍ପର୍କରେ ରାମାୟଣର ପଦେକଥା କହୁଛି । ଶ୍ରୀରାମଚନ୍ଦ୍ର ସେତୁବନ୍ଧ ବାନ୍ଧି ସୀତାଙ୍କୁ ଉଦ୍ଧାର କରିବେ । ସେତୁବନ୍ଧ ବନ୍ଧା ହେଲା । ପ୍ରତିଷ୍ଠା ହେବ। ସେତେବେଳେ ସବୁଠୁ ଶ୍ରେଷ୍ଠ ବ୍ରାହ୍ମଣ ଖୋଜାଗଲା । ଜଣାଗଲାଯେ – ଏ ତ୍ରେତୟାଯୁଗରେ ଶ୍ରେଷ୍ଠ ବ୍ରାହ୍ମଣ, ଜ୍ଞାନୀ ହେଉଛନ୍ତି – ଲଙ୍କାଧିପତି ରାବଣ । ଶ୍ରୀରାମ ରାବଣ ବଧକରି ମା' ସୀତାଙ୍କୁ ଉଦ୍ଧାର କରିବେ । ସେହି ଶତ୍ରୁ ରାବଣଙ୍କୁ ସେତୁବନ୍ଧ ପ୍ରତିଷ୍ଠାରେ ପୂଜାପାଠ କରିବାକୁ ନିମନ୍ତ୍ରଣ କଲେ । ରାବଣ ରାଜି ହେଲେ । ଏଠାରେ ଉଭୟଙ୍କ ମହାନତା ଅତୁଳନୀୟ । ରାବଣ ଆସିଲେ । ଯଥାରିତିରେ ପୂଜା ସମ୍ପନ୍ନ ହେଲା । ଶେଷରେ ଶ୍ରୀରାମ ରାବଣଙ୍କୁ କିଛି ରାଜନୀତି ଶିକ୍ଷା ପାଇବା ପାଇଁ ଅନୁରୋଧ କଲେ । ରାବଣ କହିଲେ – ଯେଉଁଟି ଠିକ୍, ସତ୍ୟ - ତାହାକୁ ଚଟାପଟ କର । ବିଳମ୍ବ କରନା । ଯେଉଁଠି ବେଠିକ୍ ଲାଗୁଛି – ତାହା ଭାବିଚିନ୍ତି କର । ବଡଥିଲେ ପଚାରି ଛୋଟ ଥିଲେ ବିଚାରି – କାର୍ଯ୍ୟ କଲେ ବିପଦ ନ ପଡଇ ଭଲେ । ଶ୍ରୀରାମ କହିଲେ - ଆଜ୍ଞା ! ଟିକେ ବୁଝେଇ କୁହନ୍ତୁ । ମହାଜ୍ଞାନୀ, ଶ୍ରେଷ୍ଠ ବ୍ରାହ୍ମଣ ରାବଣ କହିଲେ – ମୁଁ ସ୍ୱର୍ଣ୍ଣଲଙ୍କାରେ ଅଧିପତି । ଇଚ୍ଛାଥିଲା – ଲଙ୍କାକୁ ସୁନାରେ ଛାଉଣି କରିଦେବି । ସେ କ୍ଷମତା ମୋର ଥିଲା – କିନ୍ତୁ କରିବି – କରିବି ବୋଲି ହେଳା କରିଦେଲି । ଆଜି ମୁଁ ତୁମ ହାତରେ ମରିବାକୁ ଯାଉଛି ।

ଦ୍ୱିତୀୟରେ ହେଲା – ତୁମ ସାନଭାଇ ଲକ୍ଷ୍ମଣ ମୋ ଭଉଣୀ ସୂର୍ପନେଖାର ନାକ କାଟିଦେଲେ । ମୁଁ ରାଗିଗଲି । ନାରୀ ନିର୍ଯାତନା ସହ୍ୟ କରିନପାରି କୂଟକପଟ କରି ତୁମ ପତ୍ନୀ ସୀତାଙ୍କୁ ହରଣ କରିଆଣିଲି । ତୁମ ଭାଇ ଆଉ ତୁମକୁ ମାରିବାର ଥିଲା । ରାଗରେ ତୁମ ପତ୍ନୀକୁ ହରଣ କଲି । ରାଗ ବ୍ରହ୍ମଚଣ୍ଡାଳ । ରାଗକ୍ରୋଧ ବେଳେ ନିଷ୍ପତ୍ତି ମଧ୍ୟ ଭୁଲ ହୋଇପାରେ । ସେହି ଅବସ୍ଥା ହେଲା । ଭୁଲ ନିଷ୍ପତ୍ତିରେ ଆଜି ମୋ ସ୍ୱର୍ଣ୍ଣ ଲଙ୍କା ଧ୍ୱଂସ ହେବାକୁ ଯାଉଛି – ମୁଁ ତୁମ ହାତରେ ମରିବାକୁ ଯାଉଛି । ତେଣୁ ଭଲକାମ ଚଟାପଟ କର, ଖରାପ କାମ ଭାବିଚିନ୍ତି, ବୁଝିବିଚାରି – ସମୟ ନେଇ କାର୍ଯ୍ୟ କର । ଏଇ ଶିକ୍ଷାରୁ ଆମେ କ'ଣ ଶିଖିଲେ – ଭଲ କାମକୁ ଆମେ ହେଳା କରୁଛେ – ଖରାପ କାମକୁ ଚଟାପଟ କରୁଛେ । ଯାହାଫଳରେ ସବୁ ଅଘଟଣ ଘଟୁଛି । ଆମ ଗତିବିଚ୍ୟୁତି ପାଇଁ ଆମେ ମାନ୍ଦା କେବଳ ନୁହେଁ ମାଦଳ ହୋଇଯାଉଛେ ।

ସାରା ବିଶ୍ୱରେ ୨୦୦୮ରୁ ଅର୍ଥନୈତିକ ମାନ୍ଦାବସ୍ଥା ଆଜିବି ୨୦୨୩ରେ ସୁଧୁରିନାହିଁ । ଏଇ ମାନ୍ଦାବସ୍ଥା ଫଳରେ ଅର୍ଥନୀତି ଏକ ଆତଙ୍କବାଦରେ ପରିଣତ ହୋଇଯାଇଛି। ଆମ ଅର୍ଥନୀତି କେବଳ ନୁହେଁ ବିଶ୍ୱ ଅର୍ଥନୀତି ଘୁଷୁଡି ଘୁଷୁଡି ଚାଲୁଥିଲା – କୋଭିଡ୍-୧୯ରେ ଛୋଟା ହେଇଗଲା। ଛୋଟା ଗୋଡକୁ ଠିକ୍‌ଠାକ୍ କରି ସିଧା ଚାଲିବା କି ଦୌଡିବା ଏତେ ସହଜ ନୁହେଁ । କେବଳ ଅର୍ଥନୀତିରେ ମାନ୍ଦାବସ୍ଥା ନୁହେଁ – ରାଜନୀତିରେ ମଧ୍ୟ ଗତିବିଚ୍ୟୁତି ଘଟିଛି । ସାରା ବିଶ୍ୱରେ ପ୍ରାୟ ସବୁଦେଶରେ ସେମିତି ଉପଯୁକ୍ତ ନେତା ନଥିବାରୁ ରାଜନୀତି ଭୁଲ ରାସ୍ତାରେ ଯାଇ ଛନ୍ଦ ହରାଇଛି । ରାଜନୈତିକ ନେତାମାନଙ୍କର ଆତ୍ମସ୍ୱାର୍ଥ, ଅହଂକାର, ଗର୍ବ, କ୍ଷମତା ନିଶା ସେମାନଙ୍କୁ ପାଗଳ କରିଦେଇଛି । ଜଣେ ଶିଶୁ ହାତରେ ବନ୍ଧୁକ ପଡିଲେ ସେ ଅପବ୍ୟବହାର କରିବ ନିଶ୍ଚୟ । ବିଶ୍ୱରେ ଯୁଦ୍ଧଖୋର ନେତା ଶିଶୁ ଭଳି ଆଚରଣ କରିଚାଲିଛନ୍ତି। କ୍ଷେତ୍ର ଦଖଲ ପାଇଁ ଭୟଙ୍କର ଯୁଦ୍ଧ, ଗୃହଯୁଦ୍ଧ ଲାଗିରହିଛି । ପୁଣି ଧର୍ମାନ୍ଧ ରାଜନୈତିକ ବ୍ୟକ୍ତିମାନେ ଦଙ୍ଗା, ହଣାକଟା ଘଟାଇ ସାରା ବିଶ୍ୱକୁ ଥରହର କରୁଛନ୍ତି। ଆମ ଭାରତ ମଧ୍ୟ ଏଥିରୁ ବାଦ୍ ଯିବ କେମିତି ?

ଏବେ ସାରା ବିଶ୍ୱ ୧୩୭ ବର୍ଷ ତଳକୁ ଫେରିଆସୁଛି । ସଂପ୍ରତି କର୍ଣ୍ଣାଟକ ପରେ ତାମିଲନାଡୁ ୧୯୪୮ କାରଖାନା ଆଇନ୍‌କୁ ସଂଶୋଧନ କରି ୧୨ ଘଣ୍ଟିଆ କାର୍ଯ୍ୟଦିବସ ପ୍ରଚଳନ କରି ବିଶ୍ୱବଜାରରେ ପ୍ରବେଶ କରିବାକୁ ମସୁଧା କରିଛନ୍ତି । ୧୩୭ ବର୍ଷର ୧୮୮୬ ମସିହା ମେ' ପହିଲା ଘଟଣା ମନେପକାଇଦେଉଛି । ମେ' ପହିଲା ପୂର୍ବରୁ ଶ୍ରମିକମାନେ ୧୨ ଘଣ୍ଟାରୁ ୧୮ ଘଣ୍ଟା ହାଡଭଙ୍ଗା ଖଟଣି ଖଟୁଥିଲେ । ଶ୍ରମଦିବସ ୮ ଘଣ୍ଟା ଦାବିରେ ଆମେରିକାରେ ଶ୍ରମିକମାନେ ସଂଘର୍ଷ କରି ରକ୍ତରବନ୍ୟା ବୁହାଇଦେଇଥିଲେ । ମାଲିକଶ୍ରେଣୀ ବାଧହୋଇ ଦୈନିକ ୮ ଘଣ୍ଟା ଶ୍ରମଦିବସକୁ ମାନିନେଇଥିଲେ । ସେଇଦିନଠାରୁ ସାରାବିଶ୍ୱର ସବୁଦେଶରେ ଶ୍ରମଦିବସ ୮ ଘଣ୍ଟା ପ୍ରଚଳିତ ହୋଇଆସୁଛି । ଏହି ୧୩୭ ବର୍ଷ ମଧ୍ୟରେ ପୃଥିବୀର କେତେ ନଦୀରେ କେତେ ଜଳ ବୋହିଗଲାଣି । ଦେଶେ ଦେଶେ କେତେଯେ ମୌସୁମୀବାୟୁ ପ୍ରବାହିତ ହୋଇଗଲାଣି ଏବଂ ଶ୍ରମିକ ଓ ମାଲିକ ମଧ୍ୟରେ କେତେ ଯେ ତ୍ୟାଗପୂତ ଲଢେଇ, ରକ୍ତକ୍ଷୟୀ ସଂଗ୍ରାମ ହୋଇଯାଇଛି ତାହାର ପଟ୍ଟାନ୍ତର ନାହିଁ । ଆଜି ମଧ୍ୟ ପୁଞ୍ଜିପତିଶ୍ରେଣୀ ଓ ସାମ୍ରାଜ୍ୟବାଦୀ ଶାସନର ଯଜ୍ଞବେଦୀରେ ଲକ୍ଷ ଲକ୍ଷ ଶ୍ରମିକକୃଷକ ଓ ଖଟିଖିଆ ମଣିଷ ବଳିପଡୁଛନ୍ତି । ସେଦିନ ଓ ଆଜି ମଧ୍ୟରେ କେତେ ତଫାତ୍ ସମଗ୍ର ବିଶ୍ୱର ପରିସ୍ଥିତି ଦିନକୁ ଦିନ ଜଟିଳ ଆଡକୁ ଗତିକରୁଛି । ଆଜି ଶ୍ରମଜୀବୀଶ୍ରେଣୀ ପ୍ରତିଦିନ ରକ୍ତନଦୀ ବୁହାଇଦେଉଥିଲେ ମଧ୍ୟ ସାମାନ୍ୟତମ ଦାବୀପୂରଣ ହେବା ଅସମ୍ଭବ ହୋଇପଡିଛି । ଶ୍ରମିକଶ୍ରେଣୀ ରାଷ୍ଟ୍ରର ଅଧପତନ ହେବା ସଂଗେ ସଂଗେ ମାନବଶକ୍ତି ବଦଳରେ ଦାନବଶକ୍ତି, ଯନ୍ତ୍ରଶକ୍ତିର ବ୍ୟବହାର ବହୁଳ ଭାବେ ଦେଖାଦେଇଛି । ଏବେ ବିଶ୍ୱ ଶ୍ରମିକଶ୍ରେଣୀ ଘୋର ସଂକଟରେ । ଚାରିପଟର ଚିତ୍ରରେ କର୍ଦ୍ଦମାକ୍ତ କଳଙ୍କର କାଳିମା ।

ନିଜକୁ କମ୍ୟୁନିଷ୍ଟ ବୋଲାଉଥିବା ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଚିନ୍ ଦେଶ ଲାଭରଲୋଭରେ ପଡି ସକାଳ ୯ରୁ ରାତି ୯ଟା ୧୨ ଘଣ୍ଟା ଶ୍ରମଦିବସ ଆରମ୍ଭ କଲା । ଏବେ ଭାରତ ଚୀନ୍‌ର ପଦାଙ୍କଅନୁସରଣ କରିବାକୁ ଯାଉଛି । ପୂର୍ବରୁ ସପ୍ତାହରେ ୪୮ ଘଣ୍ଟା କାର୍ଯ୍ୟ କରିବାର ନିୟମ ଥିଲେ ବି ବିଦେଶୀ କମ୍ପାନୀ ଚାପରେ ଇଲେକ୍‌ଟ୍ରିକ୍ ଯାନ, ସୋଲାର ପାୱାର ଇକ୍ୟୁପ୍‌ମେଣ୍ଟ ବ୍ୟାପକ ଆବଶ୍ୟକତାକୁ ଆଖିଆଗରେ ରଖି ଭିଏତ୍‌ନାମ, ଇଣ୍ଡୋନେସିଆ, ଥାଇଲାଣ୍ଡ ସହ ପ୍ରତିଯୋଗିତା କରିବା ଲକ୍ଷ୍ୟରେ ଶ୍ରମିକମାନଙ୍କ ଶକ୍ତି ବାହାରେ କାର୍ଯ୍ୟ କରିବାକୁ ଯାଉଛନ୍ତି । ଏହା ଫଳରେ ମାଲିକମାନେ ଅସଂଗଠିତ ଠିକାଶ୍ରମିକମାନଙ୍କୁ ପାଶବିକ ଶୋଷଣର ଦ୍ୱାରଦେଶକୁ ଠେଲି ଦେଉଛନ୍ତି । ସ୍ଥାୟୀ ଶ୍ରମିକମାନେ ୧୨ ଘଣ୍ଟା କାମକରି ଓଭରଟାଇମ୍, ପେଡ୍ ଲିଭ୍, ସିକ୍ ଲିଭ୍ ବେନିଫିଟ୍ ପାଉଥିଲାବେଳେ କୋଟି କୋଟି ଅସଂଗଠିତ ଶ୍ରମିକମାନଙ୍କୁ ଠକିଦେଇ ଲାଭରପାହାଡ ସୃଷ୍ଟିକରିବା ମସୁଧାରେ ଅଛନ୍ତି । ମାଲିକମାନଙ୍କର କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନର ନିଶା ଶ୍ରମିକଶ୍ରେଣୀ ପ୍ରତି ବିପଦ ଡାକିଆଣୁଛି । କର୍ଣ୍ଣାଟକ, ତାମିଲନାଡୁ ପରେ ଭାରତର ଅନ୍ୟ ରାଜ୍ୟକୁ ଏ ରୋଗ ବ୍ୟାପିବ ।

ଆଜି ବି ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ଗତିବିଚ୍ୟୁତି ଘଟିଛି । ସାଂସ୍କୃତିକ ଅବକ୍ଷୟ ଯୋଗୁ ଆମେ ପଛୁଆ ହୋଇଯାଇଛେ । ଆମ ଗତି ଆଗକୁ ନଯାଇ ପଛକୁ ପଛକୁ ଫେରୁଛି । ଏହି ବିଡମ୍ବନା ତାଳରୁ ତଳିପା ପର୍ଯ୍ୟନ୍ତ ଗୋଟିଏ ମାରାତ୍ମକ ସଂକ୍ରାମକ ବ୍ୟାଧି ଭଳି ବ୍ୟାପିଗଲାଣି । ଗୋଟିଏ ଭୟଙ୍କର ଅସାଧୁତାର ସୌଦାଗରୀ ସାମଗ୍ରୀ ପାଲଟିଗଲାଣି ଆମର ଏ ସାଂସ୍କୃତିକ ଜୀବନ । ଆଗକୁ ଚାହିଁଲେ ଆଲୁଅ - ପଛକୁ ଚାହିଁଲେ ଅନ୍ଧାର । ତା'ହେଲେ ଏ ପୃଥିବୀର ଜୀବଜଗତ ରୋଗ ଆଉ ଭୋକରେ କ'ଣ ମରିଯିବେ ? ଭୋକ ଓ ରୋଗ ଏ ଧରଣୀ ବକ୍ଷରୁ ପୋଛିଦେବାକୁ ବିଜ୍ଞାନ ଏଯାବତ୍ ସେଭଳି ପରମାଣୁ ବୋମା ତିଆରିକରିପାରିନି, ଯାହା ଏ ଦୁଇ ଛୋଟ ଅଥଚ ସବୁଠୁ ବଡ ସାଂଘାତିକ ଶବ୍ଦ ଭୋକ ଓ ରୋଗକୁ ମଣିଷ ଜାତିର ଅଭିଧାନରୁ ମୂଳପୋଛ କରିଦେଇପାରିବ ।

# ଧୂଳି ମାଟିର ସନ୍ଥ



ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ : ୯୩୩୭୨୨୧୯୨୪

ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମହାନ୍ ବିପ୍ଲବୀ। ସେ ୧୮୯୫ ମସିହା ମେ' ୮ତାରିଖରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନକରି କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ହେଲା ବର୍ତ୍ତମାନ ଜଗତସିଂହପୁରଜିଲ୍ଲା ଅନ୍ତର୍ଗତ ଖେରସ ଗ୍ରାମରେ। ପିତା ଗୋକୁଳାନନ୍ଦ ଚୌଧୁରୀ ଥିଲେ ଜଣେ ପ୍ରତିଷ୍ଠିତ ଆଇନଜୀବୀ, ବିଶିଷ୍ଟ ଜମିଦାର ଓ ଜଣେ ସୁପରିଚିତ ବ୍ୟକ୍ତି। ମାତ୍ର ଏସବୁର ମୋହ ତାଙ୍କୁ ନିଜ ଆଦର୍ଶ ଓ ନୀତିରୁ ପଥଚ୍ୟୁତ କରିପାରିନଥିଲା। ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସାରା ଦେଶଟାର ସ୍ୱପ୍ନ ଜମାଟବାନ୍ଧି ରହିଥିଲା । ଏହି ପରିବାରର ଉତ୍କଳର ମା' ରମାଦେବୀ, ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ବିପ୍ଳବିଣୀ ମାଳତୀ ଚୌଧୁରୀ , ବିଶିଷ୍ଟ ସର୍ବୋଦୟ ନେତା ମନମୋହନ ଚୌଧୁରୀ ଓ ଅଗ୍ନିକନ୍ୟା ଅନ୍ନପୂର୍ଣ୍ଣା ମହାରଣାଙ୍କୁ ବା ନ ଜାଣେ କିଏ?

ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର। ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ। ପରେ କଲିକତାରେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କଟକରେ ଡେପୁଟି ମାଜଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ। ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା। ଓଡ଼ିଆ ମାନଙ୍କ ପ୍ରତି ଇଂରେଜମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା। ୧୯୨୦ ମସିହାରେ ଯେତେବଳେ କଟକ ଓ ଯାଜପୁର ଅଞ୍ଚଳରେ ଭୀଷଣ ନଇବଢ଼ି ହୋଇ ଯେନାପୁର ଭାସିଯାଇଥିଲା ସେତେବେଳେ ସେ ଯାଜପୁରରେ ଡେପୁଟି ମାଜଷ୍ଟ୍ରେଟ ଥାଇ ଯେନାପୁର ଆସିଥିଲେ। ବନ୍ୟା ବିଧ୍ୱସ୍ତ ଗ୍ରାମମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଅଗ୍ରାହ୍ୟ କରିଦେବାରୁ ସେ ବାଧ ହୋଇ ଚାକିରି ଛାଡି ଦେଇଥିଲେ। ଏପରି ଉଦାହରଣ ସତରେ ବିରଳ। ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ "ଭାରତୀ ମନ୍ଦିର" ନାମକ ଏକ ଲାଇବ୍ରେରୀ ଓ ଆଲୋଚନା ଚକ୍ର ପ୍ରତିଷ୍ଠା କରିଥିଲେ। ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ର ମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସଂପର୍କରେ ଜାଣିପାରୁଥିଲେ।

୧୯୨୧ ମସିହାର କଥା, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ। ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠ ଛାଡିଦେଇ ସ୍ୱାଧିନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା। ସେଥିମଧ୍ୟରୁ 'ଅଳକାଶ୍ରମ' ଥିଲା ଅନ୍ୟତମ। ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭଉଦ୍‌ଘାଟିତ ହୋଇଥିଲା। ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ-ସ୍ୱାଧିନତା ସଂଗ୍ରାମର ତୀର୍ଥଭୂମି। ଏଥିପାଇଁ ଜମି ଦାନ କରିଥିଲେ ଋତ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ। ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ।

ମହାତ୍ମା ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟିକରିଥିଲା। ୧୯୩୦ ମସିହା ମାର୍ଚ୍ଚ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା। ୧୯୩୦ ମସିହା ଏପ୍ରିଲ ୧୩ ତାରଖରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ୭ଦିନରେ ୧୨୦ ମାଇଲ ଯାତ୍ରାକରି ସେମାନେ ଇଞ୍ଚୁଡିଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ। ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ। ଏହି ସତ୍ୟାଗ୍ରହ କ୍ରମେ ତୀବ୍ର ଆକାର ଧାରଣ କରିଥିଲା ଓ ବିଭିନ୍ନ ସ୍ଥାନରେ ମରାଯାଇଥିବା ଲୁଣ " ଗାନ୍ଧୀ ଲୁଣ " ନାମରେ ପରିଚିତ ଥିଲା।

୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା " ମାନବ ସେବା - ମାଧବ ସେବା''ର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ। ଗ୍ରାମ ସଫେଇ, ନିଶା ନିବାରଣ, ପୌଢଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ। କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନହେଲେ ସଂପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ। ଏହି ଗଠନ ମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁନଥିଲେ। ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ। ସ୍ୱାଧିନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଲବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ କାରାବରଣ ମଧ୍ୟ କରିଥିଲେ।

୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ। ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ। ଅର୍ଥନୈତିକ ସମତା ପ୍ରତିଷ୍ଠା ତାଙ୍କ ଜୀବନର ପରମ ମନ୍ତ୍ର ଥିଲା। ସମାଜରୁ କିପରି ଶୋଷଣ ହଟିବ, ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରହେବ ସେଥି ନିମନ୍ତେ ସେ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ଗରିବ, ନିଃସହାୟ ଜନତାଙ୍କ ପ୍ରତି ସେ ସର୍ବଦା ସମ୍ବେଦନଶୀଳ ଥିଲେ। ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କେବଳ ସେଇମାନଙ୍କ କଥା ଚିନ୍ତା କରୁଥିଲେ ଓ ନିଜ ଆଦର୍ଶରୁ କେବେବି ବିଚ୍ୟୁତ ହୋଇନଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ।

ଏହିପରି ଏକ ମାନବିକ ମୂଲ୍ୟବୋଧର ପ୍ରତୀକ ମହାର୍ଘ ଜୀବନର ଅବସାନ ଘଟିଲା ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ। ମାତ୍ର ସେଇ କଥା ଓ ଗାଥା ଇତିହାସର ପାଣ୍ଡୁଲିପି ହୋଇ ରହିଗଲା। ସେ ପାଣ୍ଡୁଲିପିକୁ ପଢ଼ିବାର ଅଛି, ତା'ର ସାରମର୍ମକୁ ବୁଝି ତାକୁ ଉତ୍ତରପିଢି ପାଖରେ ପହଞ୍ଚାଇବାର ଅଛି। ସେ ଗୁରୁଦାୟିତ୍ୱ ଆମ ସମସ୍ତଙ୍କର। ଏହାହିଁ ଆଜିର ଅନୁଚିନ୍ତା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ




# ପିଲାଙ୍କ ମହାଭାରତ–୩୨

## ଦ୍ରୌପଦୀଙ୍କ ସ୍ୱୟଂବର ସଭାରେ ପାଣ୍ଡବ ଭାଇ-୧



ନିତ୍ୟାନନ୍ଦ ପଣ୍ଡା



ଏକଚକ୍ରପୁରରେ ବ୍ରାହ୍ମଣ ବେଶରେ ପାଣ୍ଡବ ଭାଇମାନେ ଜଣେ ବ୍ରାହ୍ମଣର ଆଶ୍ରିତ ହୋଇ ରହୁଥିଲେ । ସେହି ସମୟରେ ସେମାନେ ଶୁଣିଲେ କି ପାଞ୍ଚାଳ ଦେଶର ରାଜକୁମାରୀ ଦ୍ରୌପଦୀଙ୍କର ସ୍ୱୟଂବର ସଭା ହେଉଛି । ସେଥିପାଇଁ ବ୍ରାହ୍ମଣମାନେ ସ୍ୱୟଂବର ଉତ୍ସବ ଦେଖିଯିବାକୁ ପ୍ରସ୍ତୁତ ହେଉଥାନ୍ତି । କାଇଁକିନା, ପାଞ୍ଚାଳରାଜା ବ୍ରାହ୍ମଣମାନଙ୍କୁ ଉପହାର ଦେବାର ସମ୍ଭାବନା ଥାଏ । ପୁଅମାନଙ୍କର କଥାବାର୍ତ୍ତାରୁ କୁନ୍ତୀ ଜାଣିଲେ, ସେମାନେ ଉତ୍ସବ ଦେଖିଯିବାକୁ ଆଗ୍ରହୀ ।

କୁନ୍ତୀ କହିଲେ ଯୁଧିଷ୍ଠିରଙ୍କୁ, "ଆମେ ଏଠି ଗୁଡାଏ ଦିନ ହେବ ରହିଲେଣି । ଏଠି ଭିକ୍ଷାର ପରିମାଣ ଆସ୍ତେ ଆସ୍ତେ କମିଲାଣି । ମୁଁ କ'ଣ କହୁଥିଲି କି, ଆମେ ପାଞ୍ଚାଳ ଦେଶକୁ ଯିବା । ସେଠି ତୁମେ ଉତ୍ସବ ଦେଖିବ ଓ ଭଲ ଉପହାର ପାଇବ । ଏବଂ ନୂଆ ଜାଗାରେ ଭଲ ଭିକ୍ଷା ମିଳିବ । ଯିବା ?"

ସେମାନଙ୍କ ମନର କଥା ମା' କହୁଥିବାରୁ ପୁଅମାନେ ଖୁସିହେଲେ । ଏବଂ ପାଞ୍ଚାଳ ଦେଶ ଉଦ୍ଦେଶ୍ୟରେ ଅନ୍ୟ ବ୍ରାହ୍ମଣଙ୍କ ସହ ମିଶି ଯାତ୍ରା ଆରମ୍ଭ କଲେ । ବେଶ୍ କିଛିଦିନ ଚାଲିବା ଉତାରୁ ପହଞ୍ଚିଲେ ପାଞ୍ଚାଳ ଦେଶରେ । ସେଠି ଜଣେ କୁମ୍ଭାର ଘରେ ଆଶ୍ରାପାଇ ରହିଲେ ।

ସ୍ୱୟଂବର ସଭାଟି ସୁନ୍ଦର ଭାବେ ସଜା ହୋଇଥାଏ । ରାଜା ଓ ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ଘର ନିର୍ମାଣ କରାଯାଇଥାଏ । ଏବଂ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଖେଳ ନାଚ ଗୀତର ବନ୍ଦୋବସ୍ତ ହୋଇଥାଏ । ଏହିପରି ଚଉଦଦିନ ଉତ୍ସବ ଚାଲିଲା ।

ସ୍ୱୟଂବର ସଭାରେ ଏକ ବିରାଟ ଧନୁ ରଖାଯାଇଥିଲା । ଇସ୍ପାତର ତୀରଗୁଡ଼ିଏ ରହିଥିଲା ପୃଥକ୍ । ଉପରେ ଘୂରୁଥିଲା ଏକ ଧାତବ ଚକ୍ରି । ଚକ୍ରିରେ ତୀର ପଶିଯାଇପାରିଲା ଭଳି ଗୁଡ଼ିଏ ରନ୍ଧ୍ର ଥିଲା । ଏବଂ ଧାତବ ଚକ୍ରିର ବହୁତ ଉଚ୍ଚରେ 'ଲକ୍ଷ୍ୟସ୍ଥଳ' ସ୍ଥିର କରାଯାଇଥିଲା । ଧନୁରେ ଗୁଣଦେଇ ତୀର ବିନ୍ଧିବାକୁ ହେବ ଏବଂ ଘୂରୁଥିବା ଚକ୍ରିର ରନ୍ଧ୍ର ମଧ୍ୟଦେଇ 'ଲକ୍ଷ୍ୟସ୍ଥଳ'କୁ ଆଘାତ କରିବାକୁ ହେବ । କେବଳ ଜଣେ ଅସାଧାରଣ ତୀର ବିନ୍ଧାଳି ପକ୍ଷରେ ଏହି ତୀର ସନ୍ଧାନ ସମ୍ଭବ ।

ଝିଅ ଦ୍ରୌପଦୀର ସ୍ୱୟଂବର ପାଇଁ ଉପରୋକ୍ତ ପରୀକ୍ଷାକୁ ଏକ ସର୍ତ୍ତ ଭାବରେ ରଖିଥିଲେ ରାଜା ଦ୍ରୁପଦ ।

ବହୁରାଜା ଏବଂ ରାଜପୁରୁଷ ସ୍ୱୟଂବର ସଭାରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଧୃତରାଷ୍ଟ୍ରଙ୍କ ପୁତ୍ରଗଣ । ଏବଂ କୃଷ୍ଣ, ଜରାସନ୍ଧ, ଶିଶୁପାଳ, କର୍ଣ୍ଣ, ସାଲ୍ୱ ଇତ୍ୟାଦି । ଏହି ପ୍ରତିଦ୍ୱନ୍ଦ୍ୱୀଙ୍କ ବାଦ୍ ବହୁ ଉତ୍ସାହୀ ଦର୍ଶକ ମଧ୍ୟ ଯୋଗଦେଇଥିଲେ ।

ଘୋଡା ପିଠିରେ ବସି ଧୃଷ୍ଟଦ୍ୟୁମ୍ନ ସଭାର ପ୍ରବେଶ ପଥ ଆଡକୁ ଆସୁଥିବାର ଦେଖାଗଲା । ପଛରେ ଆସୁଥିଲେ ଦ୍ରୌପଦୀ, ହାତୀ ପିଠିରେ ବସି । ସିଲ୍କ ପୋଷାକରେ ଦ୍ରୌପଦୀ ଦିଶୁଥିଲେ ଚମତ୍କାର । ତାଙ୍କ ହାତରେ ଥିଲା ଫୁଲମାଳା ।

ସ୍ୱୟଂବର ସଭାର ପ୍ରବେଶ ପଥରେ ଘୋଡାରୁ ଅବତରଣ କଲେ ଧୃଷ୍ଟଦ୍ୟୁମ୍ନ । ଏବଂ ଅବତରଣ କଲେ ଦ୍ରୌପଦୀ । ଦ୍ରୌପଦୀଙ୍କ ହାତଧରି ଧୃଷ୍ଟଦ୍ୟୁମ୍ନ ନେଇଗଲେ ସଭାର ମଧ୍ୟଭାଗରେ ଥିବା ଏକ ସିଂହାସନ ଆଡେ । ଦ୍ରୌପଦୀଙ୍କ ଉପରୁ ଆଖି ଉଠେଇ ପାରୁନଥିଲେ ଉପସ୍ଥିତ ରାଜପୁରୁଷଗଣ ।

ଦ୍ରୌପଦୀ ସିଂହାସନରେ ବସିସାରିବା ପରେ ଧୃଷ୍ଟଦ୍ୟୁମ୍ନ ଘୋଷଣାକଲେ ସ୍ୱୟଂବର ସର୍ତ୍ତ । ଏବଂ ଶେଷରେ ଯୋଗକଲେ, ଯେଉଁ ପ୍ରତିଦ୍ୱନ୍ଦ୍ୱୀ ଏହି ସର୍ତ୍ତରେ ଜିତିବେ, ସେ ଯଦି ଉଚ୍ଚବଂଶର ହୋଇଥିବେ, ତେବେ ସେ ଦ୍ରୌପଦୀଙ୍କ ପାଣି ଗ୍ରହଣ କରିବେ ।

ପ୍ରତଦ୍ୱନ୍ଦ୍ୱିତା ଆରମ୍ଭ ହେଲା । ରାଜପୁରୁଷଗଣ ଜଣ ଜଣ କରି ନିଜ ଆସନରୁ ଉଠିଲେ ଓ ସର୍ତ୍ତ ଅନୁସାରେ ଅସଫଳ ହୋଇ ଫେରିଆସିଲେ । ସେହି ଅସଫଳ ରାଜପୁରୁଷଙ୍କ ମଧ୍ୟରେ ଥିଲେ ଦୁର୍ଯ୍ୟୋଧନ, ସାଲ୍ୱ, ଶିଶୁପାଳ, ଜରାସନ୍ଧ ଇତ୍ୟାଦି ।

ଶେଷରେ, କର୍ଣ୍ଣ ଯେତେବେଳେ ଉଠିଲେ, ଜଣାଗଲା ସେ ଜିତିବେ । ଅନ୍ୟମାନେ ଧନୁକୁ ଉଠେଇ ପାରିନଥିବା ବେଳେ କର୍ଣ୍ଣ ଅତି ସହଜରେ ଧନୁକୁ ଉଠେଇଦେଲେ । ଧନୁରେ ଗୁଣ ଚଢେଇବା ବେଳେ ଅଲକ୍ଷ୍ୟରେ ଧନୁଟି ତାଙ୍କ ହାତରୁ ଖସିଗଲା ଏବଂ ବିରାଟ ଶବ୍ଦ କରି ତଳେ ପଡ଼ିଗଲା । ସାମାନ୍ୟ ସତର୍କ ହୋଇଥିଲେ, ହୁଏତ ସେ ଜିତିପାରିଥାନ୍ତେ । ସମସ୍ତ ଶକ୍ତି ସାମର୍ଥ୍ୟ ଥାଇ କର୍ଣ୍ଣ ହାରିଯିବା ଅନେକଙ୍କୁ କଷ୍ଟଦେଲା । ସେମାନେ ମନ୍ତବ୍ୟ ଦେଲେ – ଏହା ଏକ ଅସମ୍ଭବ ପ୍ରତିଯୋଗିତା । ରାଜପୁରୁଷମାନଙ୍କୁ ଅପମାନ ଦେବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ । ଆଉରି କ'ଣ କହିଥାନ୍ତେ, କିନ୍ତୁ ଦେଖାଗଲା ଜଣେ ବ୍ରାହ୍ମଣ ଯୁବକ ବ୍ରାହ୍ମଣଙ୍କ ସମାବେଶରୁ ଉଠି ଧନୁ ପାଖକୁ ଆଗେଇ ଆସୁଛନ୍ତି ।

ସେହି ବ୍ରାହ୍ମଣ ଯୁବକ ଅନ୍ୟ କେହି ନୁହଁନ୍ତି । ବ୍ରାହ୍ମଣବେଶୀ ଅର୍ଜୁନ ।

"କାହିଁଥାଏ !" – କେତେକ ମନ୍ତବ୍ୟ ଦେଲେ । "କର୍ଣ୍ଣ ଓ ସାଲ୍ୱ ଯେଉଁଠି ପାରିଲେ ନାହିଁ, ଏହି ଦୁର୍ବଳ ବ୍ରାହ୍ମଣ କ'ଣ ପାରିବେ !"

ଅନ୍ୟ କେତେକ କହିଲେ – "ଜିତିବା ପାଇଁ ଦୈହିକ ଶକ୍ତି ଅପେକ୍ଷା କୌଶଳ ଆବଶ୍ୟକ । ହୁଏତ ଜିତିପାରନ୍ତି ।" ସେମାନେ ଅର୍ଜୁନଙ୍କ ସାହସକୁ ପ୍ରଶଂସା କରୁଥିଲେ ।

(କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୭୯୩୦୮*

# ଭାରିମିଠା ଲାଗେ ମାଆର ଡାକ

*ନଳିନୀ ଦାଶ*



ମାଆଲୋ ମାଆ ଗରଭେ ଧରି
ଜନମ ଦେଲୁ ମୋତେ
ଦୁଃଖ କଷଣ ଗଲୁତୁ ସହି
କିଏ ! ଗଢିଛି ତତେ ।
ମାଆଲୋ ମାଆ ଅଝଟ କଲେ
ମତେ କୋଳେଇ ନେଉ
ହାତ ଠାରିକି ଜହ୍ନ ମାମୁଁଙ୍କୁ
ଡାକି ଦେଖାଇ ଦେଉ ।
ମାଆଲୋ ମାଆ ଏ ଜଗତରେ
ତୁ ପରା ମହିୟସୀ
କେହିତ ନାହିଁ ତୋର ଆସନେ
ପାରିବ ଥରେ ବସି ।
ମାଆଲୋ ମାଆ ତୋ ଡାକ ପରା
ଲାଗଇ ଭାରି ମିଠା
ତୋ ହାତ ରନ୍ଧା ସବୁ ଦରବ
ଭଲଲାଗେ ତୋ ପିଠା ।
ମାଆଲୋ ମାଆ ମୋ ସୁଖ ପାଇଁ
ପାଠତୁ ପଢ଼ାଇଲୁ
ଦୁନିଆ ଦାଣ୍ଡେ ସବୁରି ସାଥେ
ମତେ ସମାନ କଲୁ ।
ମାଆଲୋ ମାଆ ତୁ ହସିଦେଲେ
ଓଠରୁ ମହୁ ଝରେ
ତୋ ନିଷ୍ଠା ତ୍ୟାଗ ଶିକ୍ଷା ସଂସ୍କାର
ଭଲ ମଣିଷ କରେ ।
ମାଆଲୋ ମାଆ ତୋ ବିନା ତୁଚ୍ଛ
ଲାଗଇ ଏ ସଂସାର
ତୁ ଥିଲେ ଘର ଉଠଇ ପୁରି
ଲାଗେ ସରଗପୁର ।
ମାଆଲୋ ମାଆ ମମତା ତୋର
ଲାଗେ ଅମୃତ ସମ
ଲୋଡାନାହିଁ ମୋ ମନ୍ଦିରେ ପୂଜା
ଚରଣ ଚାରି ଧାମ ।
ମାଆଲୋ ମାଆ ଉତ୍କଳଗାଥା
ମତେ ଶୁଣାଇ ଦେଲୁ
ଭକ୍ତି ଶିଖାଇ ସତ୍ୟ ଧର୍ମର
ପଥରେ ଚଲାଇଲୁ ।
ମାଆଲୋ ମାଆ ତୋର ପଣତ
ଶିରିମନ୍ଦିର ନେତ
ତୋ ଶୁଭାଶିଷେ ଜିଣିବି ଗଡ଼
ମଥାରେ ଥାଉ ହାତ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ବୋଉ

*ଜୟନ୍ତ କୁମାର ମଲ୍ଲିକ୍*

ମିଛୁଆ ରାଧୁଆ ଗପ ଶୁଣିଛି ମୁଁ
ବୋଉଠାରୁ ଯେଉଁଦିନ
ଶପଥ ନେଇଛି କହିବିନି ମିଛ
ମୁଣ୍ଡଛୁଇଁ ସେହିଦିନ ।
ହାତ ଧରି ବୋଉ ଶିଖାଇଛି ଚାଲି
ଦେଖାଇଛି ଭଲ ବାଟ
କହିଛି ବୁଝାଇ ଭଲ ପାଠ ଲାଗି
ଲୋଡ଼ା ଗୁରୁଜୀଙ୍କ ଛାଟ ।
ଭଲ ମଣିଷଟେ କରିବାକୁ ମୋତେ
ସହିଛି ଅନେକ କଷ୍ଟ
ମୋ ଓଠରେ ଟିକେ ହସ ଦେଖିବାକୁ
ତା' ସୁଖ କରିଛି ନଷ୍ଟ,
ଦୁଃଖୀ ଦରିଦ୍ରଙ୍କ ସେବା କରିବାକୁ
ଶିଖାଇଛି କାନେ କାନେ
କହିଛି ବୁଝାଇ କେବେହେଲେ ଥରେ
କଷ୍ଟ ନଦେବାକୁ ଆନେ ।
ତା' କଥା ମାନି ମୁଁ ସବୁଦିନ ପାଇଁ
କରେ ପର ଉପକାର
ଅନ୍ୟ ଜୀବନକୁ ବଞ୍ଚାଇବା ସାଥେ
ପୋଷେ ନିଜ ପରିବାର ।
ବୋଉ କଥା ଏବେ ଭାରି ମନେପଡ଼େ
ତା' ମୁହଁଟା ଦିଶିଯାଏ
ଅନୁଭବ କରେ ମୋହରି ଭିତରେ
ତାକୁ ଯେଣୁ ଭଲପାଏ ।

*ଶୁରଡିହ, ନନ୍ଦିପୁର, ଯାଜପୁର*
*ମୋ-୯୪୩୭୮୬୫୭୨୭*





# ମାଆ


*କବିରତ୍ନ ନୂତନ କୁମାର ବେହେରା*

ଦୁଇ ଅକ୍ଷରର ଶବଦଟି ମାଆ
କେତେ ଗେଲ କରି ପାଖକୁ ଡାକେ ଆ...
ଯା' ପଣତେ ଭରା ଅଶେଷ ସରାଗ
ଯା' ପଦ ଯୁଗଳ ଲାଗଇ ସରଗ,
ସନ୍ତାନର ଲାଗି ସେ ସଦା ସଜାଗ
କରୁଥାଏ ତାର ସବୁ ସ୍ୱାର୍ଥ ତ୍ୟାଗ ।
ସେ ମାଆ... ସେ ମାଆ...
କେତେ ଗେଲ କରି ପାଖକୁ ଡାକେ ଆ...
ହୃଦୟରୁ ଝରେ ମମତା ଅମୃତ
ବୀଣା ଜିଣା ସ୍ୱର କଣ୍ଠରୁ ଝଙ୍କୃତ,
ଦାନ କରେ ସିଏ ବକ୍ଷରୁ ଅମୃତ
ପାଶେ ତାର ଋଣୀ ଏ ସାରା ଜଗତ ।
ସେ ମାଆ... ସେ ମାଆ..
କେତେ ଗେଲ କରି ପାଖକୁ ଡାକେ ଆ..
ହୋଇ ସେ ଯେ ଦୀପର ସଳିତା ଏକ
ତିଳ ତିଳ ଜଳି ଦେଖାଏ ଆଲୋକ,
ସହି ପାରେ ନାହିଁ ସନ୍ତାନର ଭୋକ
ରହି ଉପବାସ କରେ ନାହିଁ ଶୋକ ।
ସେ ମାଆ... ସେ ମାଆ...
କେତେ ଗେଲ କରି ପାଖକୁ ଡାକେ ଆ...
ସହନଶୀଳତାରେ ସେ ତ ବସୁଧା
ଚାଲିଥାଏ ପଥେ ଆସୁ ଯେତେ ବାଧା,
କଅଁଳ ମଧୁର ମନ ଛୁଆଁ କଥା,
ମନେ କା'ର ଦିଏ ନାହିଁ କେବେ ବ୍ୟଥା ।
ସେ ମାଆ... ସେ ମାଆ...
କେତେ ଗେଲ କରି ପାଖକୁ ଡାକେ ଆ...
ହୃଦେ ତା' ଭରି ଥାଏ କ୍ଷମା କରୁଣା ଦୟା
ସନ୍ତାନର ଲାଗି ସେ ଅତୁଳନୀୟା,
ପରିବାରର ସେ ସୁଶୀତଳ ଛାୟା
ମାଆ ଚିର ବନ୍ଦନୀୟା ପୂଜ୍ୟନୀୟା ।
ସେ ମାଆ... ସେ ମାଆ...
କେତେ ଗେଲ କରି ପାଖକୁ ଡାକେ ଆ...

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷା- ୮୦୧୮୩୫୩୩୨୨*

# ମୋ' ମାଆ ପରି କିଏ ହେବ

*ରମାକାନ୍ତ ଦାସ*



ମୋ ମାଆ ପରି କିଏ ହେବ
ମୋ ଅଳି ଅଝଟକୁ ସବୁ ସହିବ
ରାଗି ରୁଷି ଗଲେ କୋଳରେ ବସେଇ
ସ୍ନେହରେ ଗେଲ କରିବ
ମୋ ମାଆ କରି କିଏ ହେବ ॥

ମୋ ମାଆ ପରି କିଏ ହେବ
ପଣତରେ ଧୂଳିଝାଡି ଦେବ
ସ୍ନେହ, ଶରଧାରେ ବାନ୍ଧିରଖି ମତେ
ମିଠାମିଠା କଥା ଶିଖେଇବ
ମୋ ମାଆ ପରି କିଏ ହେବ ॥

ମୋ ମାଆ ପରି କିଏ ହେବ
ଧନସୁନା କହି ଖୁଆଇ ଦେବ
ହଜିଯାଇଥିଲେ ଖୋଜି ଆଣିବ
ସ୍ନେହରେ କଷଣ ଭୁଲାଇ ଦେବ
ମୋ ମାଆ ପରି କିଏ ହେବ ॥

ମୋ ମାଆ ପରି କିଏ ହେବ
ହାତ ଧରି ଚାଲି ଶିଖେଇ ଦେବ
ବିପଦେ ଆପଦେ ସାହା ହୋଇବ
ଜହ୍ନମାମୁଁ ଗୀତ ଗାଇ ଶୁଆଇ ଦେବ
ମୋ ମାଆ ପରି କିଏ ହେବ ॥

ମୋ ମାଆ ପରି କିଏ ହେବ
ଭାଙ୍ଗିଯାଇଥିଲେ ଗଡେଇ ଦେବ
ରାଜାରାଣୀ ଗପ ନିତି କହିବ
ମୋର ସୁଖମୟ ଜୀବନ ପାଇଁ
ଭଗବାନଙ୍କ ପାଖେ ପ୍ରାର୍ଥନା କରିବ
ମୋ ମାଆ ପରି କିଏ ହେବ ॥

ମୋ ମାଆ ପରି କିଏ ହେବ
ପଣତରେ ଲୁହ ପୋଛି
ଓଠରେ ହସ ଦେବ
ଅସୁସ୍ଥ ହେଲେ ମୁଁ ଅନିଦ୍ରା ରହି
ମୋର ସେବା କରିବ
ମୋ ମାଆ ପରି କିଏ ହେବ ॥

*ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର*
*ମୋ-୯୬୬୮୮୧୫୩୬୯*



# ମନରେ ନାହିଁ ଅଳିଆ

*ଧ୍ରୁବ ଚରଣ ଘିବେଲା*

ଆମେମାନେ ସବୁ ଟିକିଟିକି ପିଲା
ମନ ନୁହେଁ ଆମ ଟିକି
ଟିକି ମନରେ ବି ଭାବିପାରୁ ଆମେ
ଉତ୍ତମ ଭାବନା ଯୋଖି ।
ଆମ ଆଖି ସିନା ଅତି ଟିକି ଟିକି
ଦେଖିଥାଉ ଗହରେଇ
ଆଖିରେ ପରଖି ଦେଖୁ ବି ନିରେଖି
ସନ୍ଧାନୀର ଆଖି ନେଇ ।
ହାତ ସେଇମିତି ଆମ ଟିକି ଟିକି
କରିପାରୁ କେତେ କାମ
ପଢ଼ିବା ଲେଖିବା କାମେ ରହିଥାଉ
ଟିକି ହାତେ ନିତିଦିନ ।
ହାତ ଟିକି ସିନା ଆମେ ସବୁ ସୁନା
ରହିଥାଉ ପଢ଼ାଲେଖାରେ
ଚାଲିଲେ ବି ଆମେ ଥକି ଯାଉନାହୁଁ
ଟିକି ଗୋଡ଼ ଥିରି ଚାଲିରେ ।
ଟିକି ପାଟିର ସେ ଟିକି ଟିକି ଓଠେ
ହସ ରଖିଥାଉ ସାଇତି
ଆମ ହସ ଦେଖି କେ ନିଏ ସାଉଁଟି
ଆମ ହସ ମନଲାଖି ।
ମନ ଦରପଣ ସିଲଟ ପରିକା
ମନରେ ନାହିଁ ଅଳିଆ
ପାଣି ପରି ସ୍ୱଚ୍ଛ ନଥାଏ ଅସ୍ୱଚ୍ଛ
ଭାବନା ନଥାଏ ଗୋଳିଆ ।
ମନରେ ଜାଗେନି ଅସନା ଭାବନା
ଜଳ ପରି ନିରିମଳ
ଭଲ କଥା ଭାବି ଭଲ କଥା ହେଜି
ରହିଥାଉ ତତପର ।

*ବଉଦରାଜ, ଜି-ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଏ ଖରା ଛୁଟିରେ

*ନୀଳମଣି ଚାନ୍ଦ*


ଆଗୁଁ ହୋଇଗଲା ଗ୍ରୀଷ୍ମ ଛୁଟି ପରା
ଗ୍ରୀଷ୍ମପ୍ରବାହଟି ପାଇଁ
ଏତେ ଟାଣ ଖରା ଅଂଶୁଘାତ ଡର
ମନରୁ ଭୁଲିବା ନାହିଁ ।
ଛାତ୍ରୀଛାତ୍ର ପାଇଁ ହେବରେ ଉତ୍ତମ
ତା' ସଦୁପଯୋଗ କଲେ
ଏତିକି ସମୟ ମିଳିବନି ହାତେ
ଖରା ଛୁଟି ଚାଲିଗଲେ ।
ଭଲ ଭଲ ବହି ପଢି ସାରିଦେବା
ହେବ ଜ୍ଞାନ ଅରଜନ
ଜଳଛତ୍ର ଖୋଲି ବଣ୍ଟନରେ ଖୁସି
ହୋଇବ ତୃଷିତ ମନ ।
ଜଳ ଅଭାବକୁ ପକ୍ଷୀଙ୍କ ଦୁର୍ଦ୍ଦଶା
'ଦେବା ଜଳପାତ୍ର' ରଖି
କାଳବୈଶାଖୀର ମୁକାବିଲା ପାଇଁ
ରହିଥିବା ଆମେ ଛକି ।
ଗ୍ରୀଷ୍ମଟି ଯେମିତି ଜଳ ସଞ୍ଚିରଖେ
ବରଷା ଋତୁର ପାଇଁ
ତାଠାରୁ ଶିଖିବା ସଞ୍ଚୟ ଗୁଣଟି
ଜମା ଭୁଲିଯିବା ନାଇଁ ।

*ମନ୍ତମାନୋର, ଗୋଠପାଟଣା,*
*ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*



# ଗ୍ରୀଷ୍ମ ଡହକ ଡହଡହ

*ନିରଞ୍ଜନ ସାହୁ*



ପ୍ରାତଃ ସୂର୍ଯ୍ୟ ହସେ କିରିକିରି
ପବନ ବହଇ ଥିରିଥିରି
ସୂର୍ଯ୍ୟ ଚଢୁଥାଏ ଆକାଶର ସିଡ଼ି
ପଙ୍ଖା ଘୁରୁଥାଏ ଘିରିଘିରି ।

ଗଛରେ ପତର ଖରଖର
ସରୀସୃପ ଚାଲେ ସରସର
ଚାହୁଁଚାହୁଁ ଖରା ମାଡ଼ି ଆସୁଅଛି
ଚାଲୁଥାଅ ହୋଇ ତରତର ।

କୁଆଡ଼େ ଯାଉଛ ରୁହରୁହ
ଯାହା ପଚାରୁଛି କୁହକୁହ
ଖରାବେଳେ କାମ କରିବାଟା ମନା
କାହିଁକି ଗଣ୍ଡୁଲି ବୁହବୁହ ।

ଝାଞ୍ଜି ବହୁଅଛି ଘନଘନ
ପବନ ଶବଦ ସନସନ
କଅଁଳା ବାଛୁରୀ ଖରାରେ ଡେଉଁଛି
ପିଲା ମନ ତା'ର ଛନଛନ ।

ଝାଳ ବହିଯାଏ ଥପଥପ
ବିଜୁଳି ବତୀଟା ଦପଦପ
ପଙ୍ଖାଟା ବେଗରେ ଜମା ଘୁରୁନାହିଁ
'ରାମରାମ' ବସି ଜପଜପ ।

ଖରାବେଳ ଲାଗେ ଖାଲିଖାଲି
ଯାଇହୁଏ ନାହିଁ ଚାଲିଚାଲି
କାଜୁ ବଗିଚାରେ କାଜୁ ପାଚିଅଛି
ଦିଶେ ହଳଦିଆ, ନାଲିନାଲି ।

ଶାଗ, ପଖାଳକୁ ଖାଅଖାଅ
ଦହି କିଣିବାକୁ ଯାଅଯାଅ
ଖରାରେ ପଦାକୁ ବାହାରନି ଜମା
'ଅଂଶୁଘାତ' କଥା ଗାଅଗାଅ ।

ସଞ୍ଜେ ବାଆ ବହେ ସୁଲୁସୁଲୁ
ବୁଲିବାକୁ ମନ କୁଲୁକୁଲୁ
କୃଷ୍ଣଚୁଡା ଗଛେ ଫୁଲ ଫୁଟିଅଛି
ଦିଶୁଅଛି ନାଲି ଗୁଲୁଗୁଲୁ ।

ରାତିରେ ଲାଗଇ ଥଣ୍ଡାଥଣ୍ଡା
ପଣା ବାଣ୍ଟି ଚାଲ ହଣ୍ଡାହଣ୍ଡା
ଜହ୍ନ ଆଲୁଅରେ ଲୋକେ ବୁଲୁଥାନ୍ତି
ଯୁଆଡେ ଦେଖିବ ଗଣ୍ଡାଗଣ୍ଡା ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ଅନୁଶାସନ



ନଗେନ୍ଦ୍ର ନାଥ ପଟ୍ଟନାୟକ

ମନୁକୁ ନୂଆ ନୂଆ କଥା ଶିଖିବା ଓ ଜାଣିବାରେ ଭାରି ଆଗ୍ରହ । ସେ ଦିନେ ମାଆଙ୍କ ଆଡକୁ ଡବଡବ ଆଖିରେ ପଚାରିଲା – ଆଚ୍ଛା ମାଆ ! ଅନୁଶାସନ କ'ଣ କହିଲ ? ଆମେ କିମିତି ଅନୁଶାସିତ ହୋଇପାରନ୍ତେ ? ଅନୁଶାସନରେ ରହିବା କ'ଣ ଏତେ ଜରୁରୀ ?

ମାଆ ତା'କଥାକୁ ବେଶ୍ ଠଉରେଇ ନେଇଥିଲେ । ଭାବିଲେ, ହୁଏତ ଆଜି ତା' ଗୁରୁଜୀ ଅନୁଶାସିତ ହେବା କଥା କହିଛନ୍ତି ।

: ଆରେ ! ଏଟା ତ ଖୁବ୍ ସାଧାରଣ ଓ ସରଳ, ମନୁ । ଆସ, ବାହାରି ଆସେ, ହେଇଟି ଦେଖ । ମନୁ ଚଟାପଟ୍ ମାଆ ପଛେ ପଛେ ବାହାରି ଆସିଲା ।

: ଦେଖ ଧରଣୀ ମାଆର ସନ୍ତାନ ଏଇ ଆମ୍ବ ଗଛଟିକୁ... କେତେ ଆଜ୍ଞାବହ ଓ ଅନୁଶାସିତ । ମାତାକୁ ବୋଧଦେଇ କହିଲେ ।

: ଆମ୍ବ ଗଛଟା ଇମିତି ଠିଆ ରହୁଛି ...। ଆଉ, ଇଏ ଅନୁଶାସିତ ନା ? କିନ୍ତୁ କେମିତି ମାଆ ? ମୁଁ ତ କିଛି ବୁଝିପାରୁନି । ମନୁ ଅବୁଝା ଆଖିରେ ପଚାରିଲା ।

: ଏଇ ଦେଖ, ଏ ସାଧାରଣତଃ ମେ-ଜୁନ୍ ମଧ୍ୟରେ ଫଳଦିଏ । ବେଳେ ବେଳେ ଇଏ ଜାନୁଆରୀ ମାସରେ ଆମ୍ବ ଫଳ ଦିଏ ବୋଲି ତୁ ନିଜ ଆଖିରେ ଦେଖୁଛୁ ତ ?

: ଆରେ... ମାଆ, ତୁମେ ଏ କଥା କହୁଚ କମିତି ? ଜାନୁଆରୀ ମାସରେ ବି ଏଥିରେ ପେନ୍ଥି ପେନ୍ଥି ବଉଳ କଷି ଧରେ ବୋଲି । ମନୁ ମା'ଙ୍କୁ ମନେ ପକେଇଦେଲା ।

: ହଁ-ହଁ ମୋ କହିବାର ଅସଲ କଥାଟି ଥିଲା ଏଇ ଆମ୍ବ ଗଛ ହିଁ ଅନୁଶାସିତ । ଯାକୁ ପ୍ରକୃତିର ନିୟମ କାଇଦା ମାନି ଚଳିବାକୁ ପଡେ, ଆଉଏଟା ଏକଦମ୍ ସତକଥା ମଧ୍ୟ ।

ମାଆଙ୍କ କଥା ପଦକ ଶୁଣି ମନୁକୁ ଭାରି ମଜା ଲାଗିଲା ।

: ହେଇ ଦେଖତ ନେଳିଆ ଆକାଶକୁ । ଏକ ଲୟରେ ଅନେଇଲୁ ମନୁ, ଏଇଠି ଏ ସମୟରେ ବି ବଉଦ ଘୋଟି ଆସିଛି । ତେବେ କଳା, ଘନକୃଷ୍ଣ ମେଘ ତ ଜୁଲାଇ-ଅଗଷ୍ଟ ମାସରେ ବର୍ଷିଯାଏ ।

: ଆଚ୍ଛା ମାଆ, ତା'ହେଲେ ମେଘ ଅନୁଶାସିତ ? ମନୁ ଉତ୍କଣ୍ଠାରେ ପଚାରିଲା ।

: ବିଲ୍‌କୁଲ୍ ଠିକ୍ କଥା, ଏଇ ମେଘକୁ ବି ବେଶ୍ ଜଣାଅଛି କ୍ଷେତରେ ଧାନ ତଳି ରୁଆ ହେଉଛି ବୋଲି । ଧାନ ବିଲକୁ ପାଣି ଦରକାର । ଡହ ଡହ ଖରା ତାତିରେ ବିଲ ଶୁଖିଗଲାଣି । ପୋଖରୀ, ହ୍ରଦ ସରୋବର ଶୁଖି ଆଁ କଲାଣି । ଏମାନଙ୍କୁ ଭରପୂର ପାଣି ଆବଶ୍ୟକ ବୋଲି ଏଇ ଜୁଲାଇ ଓ ଅଗଷ୍ଟ ମାସରେ ଜୋର୍‌ରେ ବୃଷ୍ଟିପାତ ହୋଇଥାଏ । ସେତେବେଳେ ତ ବଣ ଭୋଜିର ମଜା ଆସେ । ମାଆ ଏକଥା କହୁ କହୁ ମନୁ ଆଡକୁ ଚାହିଁଲେ ।

: ଆଚ୍ଛାମାଆ ! ରୋଜ୍ ସକାଳେ ଉଇଁଥିବା ନାଲିଆ ସୂରୁଜ ଓ ରାତିରେ ଚିକ୍‌ମିକ୍ କରୁଥିବା ତାରା ଓ ଜହ୍ନ ମଧ୍ୟ ଅନୁଶାସିତ ନା ?

: ସାବାସ୍ ମନୁ, ମା' ଖୁସୀରେ ଗଦ୍‌ଗଦ୍ ହୋଇ କହିଲେ । ତା'ହେଲେ ଏବେ କହ ତ ଅନୁଶାସନର ମାନେ କଣ ? ମାଆ ମନୁକୁ ବେଶ୍ କୁତୁହଳରେ ପଚାରିଦେଲେ ।

: ମାଆ ! ଯାର ଅର୍ଥ ମୁଁ ବେଶ୍ ବୁଝିଗଲିଣି । ନିଜର କର୍ତ୍ତବ୍ୟ କର୍ମ ଠିକଣା ସମୟରେ କରିବା ଓ ସଠିକ୍ ଭାବେ ତୁଲାଇବା ନିହାତି ଜରୁରୀ ।

: ସାବାସ୍ ପୁଅ, ତୁ ତ ବେଶ୍ ସମଝଦାର୍ ହୋଇଗଲୁଣି । ମାଆ ମନୁର ପିଠି ଆପୁଡେଇ ତାକୁ ଭୂରିଭୂରି ପ୍ରଶଂସା କଲେ । ମନୁ ମାଆ ଆଡକୁ ନଜର କରି ମୁରୁକେଇ ମୁରୁକେଇ ହସୁଥିଲା । ଆଉ, ଦୁହେଁ ଘର ଭିତରକୁ ଚାଲିଗଲେ ।

*ପ୍ରାକ୍ତନ ଅତିରିକ୍ତଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାରସିଟି, ଲେନ୍ ନଂ-୯, ପ୍ଲଟ୍ ନଂ-୪୫୬*
*ଲକ୍ଷ୍ମୀସାଗର କେନାଲରୋଡ୍, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୦୮ ମଇ, ଗୁରୁବାର, ୨୦୨୫


# କୋଲକାତାକୁ ୨ ୱିକେଟରେ ହରାଇଲା ଚେନ୍ନାଇ



**କୋଲକାତା**

କୋଲକାତାର ଇଡେନ ଗାର୍ଡେନ୍ସ ଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୭ତମ ମ୍ୟାଚ୍‌ରେ କୋଲକାତା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦଳ ପକ୍ଷରୁ ସୁନୀଲ ନାରାୟଣ ଓ ରେହମାନୁଲ୍ଲା ଗୁରବାଜ୍ ବ୍ୟାଟିଂ ଆରମ୍ଭ କରିଥିଲେ। ତେବେ ଗୁରବାଜ ମାତ୍ର ୧୧ ରନ କରି ଆଉଟ ହୋଇଥିଲେ। ସୁନୀଲ ନାରାୟଣ ଓ ଅଜିଙ୍କ୍ୟ ରାହାଣେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା। ନାରାୟଣ ୨୬ ରନ କରିଥିବାବେଳେ ଅଜିଙ୍କ୍ୟ ରାହାଣେ ୪୮ ରନ କରିଥିଲେ। ସେହିପରି ମଧ୍ୟକ୍ରମରେ ମନିଷ ପାଣ୍ଡେ ୩୬ ରନ କରିଥିବାବେଳେ ଆନ୍ଦ୍ରେ ରସେଲ ୩୮ ରନ କରିଥିଲେ। ମାତ୍ର ରିଙ୍କୁ ସିଂ ପୁଣି ବିଫଳ ହୋଇଥିଲେ। ସେ ମାତ୍ର ୯ ରନ କରି ଆଉଟ ହୋଇଥିଲେ।

ଚେନ୍ନାଇ ପକ୍ଷରୁ ନୁର ଅହମ୍ମଦ ୪ଟି ୱିକେଟ ନେଇଥିବାବେଳେ ରବୀନ୍ଦ୍ର ଜାଡେଜା ଓ ଅନସୁଲ କମ୍ବୋଜ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

୧୮୦ ରନର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ସୁପର କିଙ୍ଗସ୍ କୋଲକାତା ନାଇଟ୍ ରାଇଡର୍ସକୁ ୨ ୱିକେଟରେ ପରାସ୍ତ କରିଛି। ଚେନ୍ନାଇ ୧୯.୪ ଓଭରରେ ୮ ୱିକେଟ୍ ହରାଇ ୧୮୩ ରନ୍ କରିଥିଲା ଏବଂ ସିଜିନ୍‌ର ତୃତୀୟ ବିଜୟ ହାସଲ କରିଥିଲା।

# ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କଲେ ରୋହିତ ଶର୍ମା

**ମୁମ୍ବାଇ**

ଭାରତୀୟ କ୍ରିକେଟ ଦଳର ଅଧିନାୟକ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପରେ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି, ଯେଉଁଠାରେ ତାଙ୍କର ପ୍ରଦର୍ଶନ ନିରାଶାଜନକ ଥିଲା। ତିନୋଟି ଟେଷ୍ଟରେ ମାତ୍ର ୩୧ ରନ୍ ସଂଗ୍ରହ କରିଥିବା ରୋହିତଙ୍କ ଫର୍ମ ଏବଂ ଅଧିନାୟକତ୍ୱ ଉପରେ ପ୍ରଶ୍ନ ଉଠିଥିଲା।

ରୋହିତ ସିଡ୍‌ନୀରେ ଚଳିତ ବର୍ଷର ପଞ୍ଚମ ଟେଷ୍ଟରେ ଖେଳି ନଥିଲେ, ଯେଉଁ ନିଷ୍ପତ୍ତି ସେ ଫର୍ମରେ ନ ଥିବା କାରଣରୁ ନେଇଥିଲେ। ସେ ଷ୍ଟାର ସ୍ପୋର୍ଟସକୁ ଦେଇଥିବା ଏକ ସାକ୍ଷାତ୍‌କାରରେ ସ୍ପଷ୍ଟ କରିଥିଲେ ଯେ ଏହା ଅବସର ନୁହେଁ, ବରଂ ଦଳର ଆବଶ୍ୟକତା ଅନୁଯାୟୀ ଏକ ମ୍ୟାଚ୍




ପାଇଁ ଏହି ନିଷ୍ପତ୍ତି। ସେ କହିଥିଲେ, "ମୁଁ ଅବସର ନେଇ ନାହିଁ। ମୁଁ ଏହି ମ୍ୟାଚରୁ ବାହାରେ ଅଛି କାରଣ ମୋ ବ୍ୟାଟ୍ ଚାଲୁ ନାହିଁ। ଦଳକୁ ଫର୍ମରେ ଥିବା ଖେଳାଳି ଦରକାର।"

ମେଲବର୍ଣ୍ଣ ଟେଷ୍ଟରେ ଭାରତର ୧୮୪ ରନରେ ପରାଜୟ ପରେ ରୋହିତ ଅବସର ନେବାକୁ ମନସ୍ଥ କରିଥିଲେ। କିନ୍ତୁ ତାଙ୍କର ଘନିଷ୍ଠ ବ୍ୟକ୍ତିମାନଙ୍କ ପରାମର୍ଶରେ ସେ ଏହି ନିଷ୍ପତ୍ତି ସ୍ଥଗିତ ରଖିଥିଲେ। ଏହି ପରିବର୍ତ୍ତନ ଭାରତୀୟ କୋଚ୍ ଗୌତମ ଗମ୍ଭୀରଙ୍କୁ ସନ୍ତୁଷ୍ଟ କରି ନଥିଲା ବୋଲି ରିପୋର୍ଟରେ ଦାବି କରାଯାଇଛି।

୩୭ ବର୍ଷୀୟ ରୋହିତ ୨୦୧୩ରେ ଟେଷ୍ଟ କ୍ରିକେଟରେ ପଦାର୍ପଣ କରିଥିଲେ। ସେ ୫୯ ଟେଷ୍ଟରେ ୪,୧୩୭ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୧୨ଟି ଶତକ ଓ ୧୭ଟି ଅର୍ଦ୍ଧଶତକ ରହିଛି। ତାଙ୍କର ସର୍ବୋଚ୍ଚ ସ୍କୋର ୨୧୨। ଅଧିନାୟକ ଭାବେ ସେ ଭାରତକୁ ୨୦୨୪ ଟି-୨୦ ବିଶ୍ୱକପ ଓ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ବିଜୟୀ କରାଇଛନ୍ତି। ତେବେ, ୨୦୨୪ରେ ତାଙ୍କର ଟେଷ୍ଟ ପ୍ରଦର୍ଶନ ମାତ୍ର ୨୪.୭୬ ହାରାହାରିରେ ୬୧୯ ରନ୍ ଥିଲା।

ରୋହିତ ପୂର୍ବରୁ ୨୦୨୪ ଟି-୨୦ ବିଶ୍ୱକପ ପରେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ସେ ଏବେ ଦିନିକିଆ ଫର୍ମାଟରେ ଖେଳିବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। ୨୦୨୫ ଚାମ୍ପିୟନ୍ସ ଟ୍ରଫି ବିଜୟ ପରେ ସେ କହିଥିଲେ, "ମୁଁ ଏହି ଫର୍ମାଟରୁ ଅବସର ନେଉ ନାହିଁ।" ତାଙ୍କର ଫୋକସ୍ ଏବେ ଆଗାମୀ ଦିନିକିଆ ବିଶ୍ୱକପ ୨୦୨୭ ଉପରେ ରହିପାରେ।

# ପୁଣି ଜଣେ ଓଡ଼ିଆ ଜିତିଲେ ୩ କୋଟି ଟଙ୍କା ଓ ମହିନ୍ଦ୍ରା ଥାର କାର୍

**ପୁରୀ**



ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକର ସିଆରା ଗାଁର ସୁକାନ୍ତ ପ୍ରଧାନ ଅନଲାଇନ ଗେମ୍ ଖେଳି କୋଟିପତି ହୋଇଛନ୍ତି। ସେ ମହିନ୍ଦ୍ରା ଥାର କାର୍ ପୁରସ୍କାର ସହିତ ତିନି କୋଟି ଟଙ୍କା ପାଇଛନ୍ତି। ବର୍ତ୍ତମାନ, ତାଙ୍କୁ ବନ୍ଧୁ ଏବଂ ସହକର୍ମୀଙ୍କଠାରୁ ଶୁଭେଚ୍ଛା ମିଳୁଛି। ସୁକାନ୍ତ ଜଣେ କ୍ରିକେଟ ପ୍ରେମୀ ଏବଂ ଦୀର୍ଘ ସମୟ ଧରି କ୍ରିକେଟ ଖେଳୁଛନ୍ତି। ସେ ଅଶ୍ୱିନୀଙ୍କୁ ଅଧିନାୟକ ଭାବେ ନେଇ ଖେଳି ଏହି ସଫଳତା ହାସଲ କରିଛନ୍ତି। ଏତେ ପରିମାଣର ଟଙ୍କା ଏକାଥରେ ପାଇବା ପରେ ସେ କ'ଣ କରିବେ ବୋଲି ପଚରାଯିବାରୁ, ସେ କହିଛନ୍ତି ଯେ ତାଙ୍କର ଅନେକ ଋଣ ରହିଛି, ଯାହାକୁ ସେ ଏହି ଟଙ୍କାରୁ ପରିଶୋଧ କରିବେ। ଏହା ବ୍ୟତୀତ, ସେ କିଛି ଟଙ୍କା ସାମାଜିକ କଲ୍ୟାଣ କାର୍ଯ୍ୟ ପାଇଁ ମଧ୍ୟ ଖର୍ଚ୍ଚ କରିବାକୁ ଚାହୁଁଛନ୍ତି।

ସୂଚନା ଅନୁସାରେ, ମଙ୍ଗଳବାର ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ଆଇପିଏଲ ମ୍ୟାଚ୍ ଚାଲିଥିବା ବେଳେ ସୁକାନ୍ତ ମାଇ ଇଲେଭେନ ସର୍କଲରେ ପ୍ରାୟ ଚଉଦଟି ଦଳ ଗଠନ କରି ଖେଳ ଆରମ୍ଭ କରିଥିଲେ। ରାତି ପ୍ରାୟ ୧୧ଟା ବେଳେ ସେ ଲଟେରୀ ଜିତିଥିଲେ। ସେ ତିନି କୋଟି ଟଙ୍କାର ପୁରସ୍କାର ଏବଂ ଏକ ମହିନ୍ଦ୍ରା ଥାର କାର୍ ପାଇଥିଲେ। ଏହି ଖବର ପାଇବା ପରେ ସୁକାନ୍ତ ନିର୍ବାକ ହୋଇଯାଇଥିଲେ।

# ଭାରତ-ପାକିସ୍ତାନ ଉତ୍ତେଜନା ମଧ୍ୟରେ ଆଇପିଏଲ ବନ୍ଦ ହେବନି : ବିସିସିଆଇ

**ନୂଆଦିଲ୍ଲୀ**

ଭାରତ ଓ ପାକିସ୍ତାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ନିର୍ଦ୍ଧାରିତ ସୂଚୀ ଅନୁସାରେ ଜାରି ରହିବ। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ଜଣେ ଶୀର୍ଷ ସୂତ୍ର କହିଛନ୍ତି ଯେ ବର୍ତ୍ତମାନ ଆଇପିଏଲ ସୂଚୀରେ କୌଣସି ପରିବର୍ତ୍ତନ ହୋଇନାହିଁ, ଯଦିଓ ବୋର୍ଡ ପରିସ୍ଥିତି ଉପରେ ନଜର ରଖିଛି।

ଆଇପିଏଲ ୨୦୨୫ ଋତୁରେ ମୋଟ ୭୪ଟି ମ୍ୟାଚ୍ ମଧ୍ୟରୁ ୫୬ଟି ମ୍ୟାଚ୍ ଖେଳାଯାଇ ସାରିଛି ଏବଂ ପ୍ଲେ-ଅଫରେ ପହଞ୍ଚିବା ପାଇଁ ପ୍ରତିଯୋଗିତା ଜୋରଦାର ହେଉଛି। ୨୨ ମେ'ରେ ଆରମ୍ଭ ହୋଇଥିବା ଆଇପିଏଲ, ୨୨ ଏପ୍ରିଲରେ ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ୨୬ ଜଣ ପର୍ଯ୍ୟଟକଙ୍କୁ ହତ୍ୟା କରିଥିବା ସତ୍ତ୍ୱେ ଜାରି ରହିଛି।

ବୁଧବାର ଭାରତ 'ଅପରେସନ ସିନ୍ଦୁର' ଆରମ୍ଭ କରିଥିଲା, ଯେଉଁଥିରେ ତିନି ସେନାର ମିଳିତ ପ୍ରତିଆକ୍ରମଣ ମାଧ୍ୟମରେ ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀରରେ ନଅଟି ଆତଙ୍କବାଦୀ ଶିବିର ଉପରେ ସମନ୍ୱିତ ଆକ୍ରମଣ କରାଯାଇଥିଲା, ଯାହା ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ସ୍ୱରୂପ ଥିଲା। ଉଲ୍ଲେଖଯୋଗ୍ୟ ଯେ, ଦି ରେସିଷ୍ଟାନ୍ସ ଫ୍ରଣ୍ଟ (ଟିଆରଏଫ) ନାମକ ଏକ ଗୋଷ୍ଠୀ, ଯାହାକୁ ପାକିସ୍ତାନ-ଆଧାରିତ ଲସ୍କର-ଏ-ତୈବାର ଏକ ପ୍ରକ୍ସି ଭାବେ ଚିହ୍ନଟ କରାଯାଇଛି, ଏହି




ଆକ୍ରମଣର ଦାୟିତ୍ୱ ଗ୍ରହଣ କରିଥିଲା।

ଜଣେ ଶୀର୍ଷ ବିସିସିଆଇ ସୂତ୍ର କହିଛନ୍ତି, "ବିସିସିଆଇ ପରିସ୍ଥିତି ଉପରେ ନଜର ରଖିଛି ଏବଂ ପରିସ୍ଥିତି ଅନୁସାରେ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ ପାଇଁ, ଆଇପିଏଲ ନିର୍ଦ୍ଧାରିତ ସୂଚୀ ଅନୁସାରେ ଚାଲିବ।" ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୁମାଲ ମଙ୍ଗଳବାର କହିଛନ୍ତି ଯେ ବିସିସିଆଇ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବ ଏବଂ ଆବଶ୍ୟକ ହେଲେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବ।

ଆଇପିଏଲର ଆକସ୍ମିକ ବ୍ୟବସ୍ଥା ସମ୍ପର୍କରେ ପଚରାଯିବାରୁ ସେ କହିଛନ୍ତି, "ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପରିସ୍ଥିତି ଉପରେ ନଜର ରଖିଛି। ଅନେକ ଜଳ୍ପନାକଳ୍ପନା ଚାଲିଛି; ଆମେ ତାହା ସମ୍ପର୍କରେ କିଛି କରିପାରିବୁ ନାହିଁ। କିନ୍ତୁ ଯେତେବେଳେ ଦେଶର ସ୍ୱାର୍ଥରେ କିଛି କରିବାର ଆବଶ୍ୟକତା ଅନୁଭୂତ ହେବ, ତେବେ ବିସିସିଆଇ ସରକାର ଏବଂ ରାଷ୍ଟ୍ର ସହ ଏକହୋଇ ଠିଆ ହେବ।"

ଉଲ୍ଲେଖଯୋଗ୍ୟ ଯେ, ବିଶିଷ୍ଟ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ମଙ୍ଗଳବାର କହିଛନ୍ତି ଯେ ସେ କୌଣସି ବିଦେଶୀ ଖେଳାଳି କିମ୍ବା ଧାରାବିବରଣୀକାରଙ୍କ ଠାରୁ ଭାରତରେ ସୁରକ୍ଷା ସମ୍ପର୍କରେ ଚିନ୍ତା ପ୍ରକାଶ କରାଯାଇଥିବା କଥା ଶୁଣିନାହାନ୍ତି ଏବଂ ସେ ଆତ୍ମବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଆଇପିଏଲ ନିର୍ଦ୍ଧାରିତ ସୂଚୀ ଅନୁସାରେ ଜାରି ରହିବ। ସେ କହିଛନ୍ତି, "ନା, ମୁଁ ତାହା ଭାବୁନାହିଁ। ମୁଁ ଭାବୁଛି ଭାରତରେ ସମସ୍ତେ ନିଜକୁ ବେଶ୍ ନିରାପଦ ଏବଂ ସୁରକ୍ଷିତ ଅନୁଭବ କରୁଛନ୍ତି। ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ। ଆମେ ଆମ ସଶସ୍ତ୍ର ବାହିନୀ ଉପରେ ଅତ୍ୟନ୍ତ ବିଶ୍ୱାସ ରଖୁଛୁ। ଆମେ ସେମାନଙ୍କ ପ୍ରତି ଅପାର ସ୍ନେହ ଏବଂ ମମତା ରଖୁଛୁ; ଆମେ ଏତେ ବର୍ଷ ଧରି ଶାନ୍ତିରେ ଜୀବନଯାପନ କରିଆସୁଛୁ। ଆମେ ସେମାନଙ୍କ ଉପରେ ଅତ୍ୟନ୍ତ ଆସ୍ଥା, ବିଶ୍ୱାସ ଏବଂ ଭରସା ରଖୁଛୁ। ମୁଁ ଭାବୁଛି କୌଣସି ବିଦେଶୀ ଖେଳାଳୀ ଅସୁରକ୍ଷିତ ଅନୁଭବ କରୁନାହାନ୍ତି। କେହି ମୋ ପାଖରେ ଏପରି କିଛି କହିନାହାନ୍ତି।"

# କଲିକତାରୁ ନାବାଳିକାକୁ ଉଦ୍ଧାର କଲା ଜିଲ୍ଲା ଆଇନ ସେବା ପ୍ରାଧିକରଣ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ କଲିକତାରୁ ନାବାଳିକା ଉଦ୍ଧାର ହେବାରେ ସାହାଯ୍ୟ କରିବା ଘଟଣା ଯେତିକି ଚାଞ୍ଚଲ୍ୟ ସୃଷ୍ଟି କରିଛି, ସେତିକି ମଧ୍ୟ ପ୍ରଶଂସା ସାଉଁଟିଛି । ଘଟଣାକ୍ରମ ଏହାଥିଲା ଯେ, ସୋମା ମୁଣ୍ଡାଙ୍କ ମୃତ୍ୟୁ ହେଲାପରେ ତାଙ୍କ ଧର୍ମପତ୍ନୀ ସୋନିବାରୀ ମୁଣ୍ଡା କେନ୍ଦୁଝର ଜିଲ୍ଲା ବାମ୍ବେରୀ ଥାନା ଓ ନିଜ ଗ୍ରାମ କାଶିଆ ଛାଡ଼ି ସୁଦୂର ପଶ୍ଚିମବଙ୍ଗରେ ଏକ ଇଟାଭାଟିରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ କାର୍ଯ୍ୟ କରିବା ସମୟରେ ନିଜର ଏକ ନାବାଳିକା ଝିଅକୁ ସାଙ୍ଗରେ ନେଇ ଯାଇଥିଲେ । ସେଠାରେ ଅବସ୍ଥାପିତ ହେବାପରେ ଝିଅ ନିଖୋଜ ରହିଥିଲା। ଚବିଶ ପ୍ରଗଣାର ଶିଶୁ ମଙ୍ଗଳ ଅଧିକାରୀ ଦିଗମ୍ବର ଅଙ୍ଗୀକାର ଭବନ ଉକ୍ତ ନାବାଳିକାକୁ ଶିଶୁ ସୁରକ୍ଷା ସେ   ରରେ ଥଇଥାନ କରିଥିଲେ । ଚବିଶ ପ୍ରଗଣାର ଆଇନସେବା ପ୍ରାଧିକରଣ ସଚିବ କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମିତ୍ରା ସାହୁଙ୍କୁ ଉକ୍ତ ଘଟଣାବଳୀ ବିଷୟରେ ଅବଗତ କରାଇଥିଲେ। ତତ୍‌କ୍ଷଣାତ୍ ସଚିବ ସୁମିତ୍ରା ସାହୁ କେନ୍ଦୁଝର ଆଇନସେବା ପ୍ରାଧିକରଣର ସଚିବ ଓ କେନ୍ଦୁଝର ଜିଲ୍ଲାପାଳଙ୍କୁ ଏ ବିଷୟରେ ଅବଗତ କରାଇବା ସହ ଉକ୍ତ ଘଟଣା ବାବଦରେ ସେମାନେ ପତ୍ର ମାଧ୍ୟମରେ ଜଣାଇଥିଲେ, ଯାହା ଫଳରେ ତୁରନ୍ତ ଏହାର ପଦକ୍ଷେପ ସ୍ୱରୂପ ଉକ୍ତ ନାବାଳିକା ଉଦ୍ଧାର ହୋଇ ପହଞ୍ଚିବା ନିଶ୍ଚିତ ହୋଇଯାଇଛି ।

# ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ପାଇଁ କ୍ରୀଡ଼ାମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବୁଧବାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତମାଣ୍ଡୋ ସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସୂରଜ ମହାବିଦ୍ୟାଳୟର ଏକାଡେମିକ୍ ବିଲଡିଂ, ପାଠାଗାର, ଛାତ୍ରାବାସ, କ୍ରୀଡ଼ା ଭିତ୍ତିଭୂମି ଯଥା ଫୁଟବଲ୍ ଗ୍ରାଉଣ୍ଡ, ଆଥଲେଟିକ୍ ଟ୍ରାକ୍, ଇଣ୍ଡୋର ସୁମିଙ୍ଗ ପୁଲ୍ ଆଦି ବୁଲି ଦେଖିବା ସହିତ ବିଭିନ୍ନ ନିର୍ମାଣଧୀନ ପ୍ରକଳ୍ପ ଏବଂ ମହାବିଦ୍ୟାଳୟରେ ମଲ୍ଟିପରପସ୍ ହଲ୍ ଓ ମଡର୍ଣ୍ଣ ଆଇସିଟି ଲ୍ୟାବ୍ ନିର୍ମାଣ ପାଇଁ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହିତ ମହାବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ କରାଯାଉଥିବା ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବା ନିମନ୍ତେ ମନ୍ତ୍ରୀ ଶ୍ରୀ ସୂରଜ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ କ୍ରୀଡ଼ାମନ୍ତ୍ରୀ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ ଓ



ଶିକ୍ଷୟିତ୍ରୀ ଏବଂ ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କ ବିକାଶ ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସବିସ୍ତୃତ ଆଲୋଚନା କରିଥିଲେ।

ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ରାଜ୍ୟରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ମାନଙ୍କର ବିକାଶ ନିମନ୍ତେ ତୃଣମୂଳ ସ୍ତରରୁ ଆମ ସରକାର କାର୍ଯ୍ୟ କରୁଛନ୍ତି। ତୃଣମୂଳ ସ୍ତରରେ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ଲକ୍ଷ୍ୟ ରଖାଯାଇଛି। ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯିବା ସହିତ ସେମାନଙ୍କର ଦକ୍ଷତା ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯିବା ଉଚିତ। ଏଥିସହିତ ପାଠପଢ଼ା ସହିତ କ୍ରୀଡ଼ାକୁ କେବଳ ଏକ ପ୍ରତିଯୋଗିତା ବା ମେଡ଼ାଲ୍ ଜିତିବାର ଲକ୍ଷ୍ୟ ଭାବରେ ନୁହେଁ ବରଂ ନିଜ ଦୈନନ୍ଦିନ ଜୀବନଶୈଳୀରେ ସାମିଲ କରିବା ଉଚିତ୍ ବୋଲି ମନ୍ତ୍ରୀ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଆଗାମୀ ଦିନରେ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ, ତମାଣ୍ଡୋର ଭିତ୍ତିଭୂମିକୁ ଯେପରି ଆହୁରି ସୁଦୃଢ଼ କରାଯାଇପାରିବ ଓ ସମସ୍ତ ଛାତ୍ରଛାତ୍ରୀମାନଙ୍କର ଉତ୍ତମ ଭବିଷ୍ୟତ ନିର୍ମାଣ ପାଇଁ ଯେପରି ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପ୍ରଦାନ କରାଯାଇପାରିବ ସେ ସମ୍ବନ୍ଧରେ ମଧ୍ୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ।

# ରାଜସ୍ୱ ମନ୍ତ୍ରୀଙ୍କୁ ମତ୍ସ୍ୟଜୀବୀ ନେତାଙ୍କ ଦାବିପତ୍ର ପ୍ରଦାନ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ ପରିସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଜେପି ତଥା ମତ୍ସ୍ୟଜୀବୀ ନେତା ରମ୍ଭାର ଭୀମସେନ ବେହେରା ମନ୍ତ୍ରୀଙ୍କୁ ସ୍ମାରକ ପତ୍ର ଦେଇଥିଲେ। ଚିଲିକାର ମତ୍ସ୍ୟ ସୈରତାର ଲିଜ୍ ଏଗ୍ରିମେଣ୍ଟ ୨୦୧୮ମସିହା ଠାରୁ ବନ୍ଦ ଅଛି ତାକୁ ଲାଗୁ କରିବା ପାଇଁ ଆପତ୍ତି ଉଠାଇଥିଲେ। ଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ରାଜସ୍ୱ ହାନି ହେଉଛି । ଚିଲିକା ମତ୍ସ୍ୟ ବିଭାଗ ଏକକ ବିଭାଗ ଦ୍ୱାରା ପରିଚାଳିତ କରିବା, ରାଜସ୍ୱ ବିଭାଗ ଚିଲିକାରେ ମାଟି ବନ୍ଧ ଘେରିକୁ ଭାଙ୍ଗି କାର୍ଯ୍ୟକ୍ଷମ କରିବା, ମୁହାଣ ମୁହଁ ଅବରୋଧ ମୁକ୍ତ କରିବା ବିଷୟରେ ଆଲୋଚନା ହୋଇଥିଲା। ତତ୍ ସଙ୍ଗେ ସଙ୍ଗେ ଚାଷୀଙ୍କ ପାଇଁ ପାହାଡକୁ ପାହାଡ଼ ଆଗୁଳ କରି ଜଳ ସଂରକ୍ଷଣ (ସତୃଶୋଲ ବାହାଡ଼ା ପଲ୍ଲି ରତନି ପାହାଡ, ଘାଇ ବନ୍ଧ, ନଦୀ ଘର ମଧୁରୁଚୂଆ, ଡିଆଁ ଡେଇଁ, ଝରେଡ଼ି, ଶିପକୁଦା ପ୍ରଭୃତି ଅଞ୍ଚଳ। ଡ଼ିଆଁ ଡେଇଁ ଗ୍ରାମରେ ବହୁମୁଖୀ ଆଶ୍ରୟ ସ୍ଥଳୀ ନିର୍ମାଣ କରିବା ପାଇଁ ନିବେଦନ ଜଣାଇଥିଲେ।

# ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ କରିଥିବା ୧୨୨୯ ଉପଭୋକ୍ତାଙ୍କୁ ଟିପିଏସ୍‌ଓଡିଏଲ ପକ୍ଷରୁ ନୋଟିସ୍ ଜାରି

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଓଭରହେଡ୍ ବିଜୁଳି ତାର ନିକଟରେ ଅନଧିକୃତ ନିର୍ମାଣ କରିଥିବା ୧୨୨୯ ଜଣ ଉପଭୋକ୍ତା ଏବଂ ପ୍ରତିଷ୍ଠାନକୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓ-ଡିଏଲ୍) ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ବିଦ୍ୟୁତ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି।

ଟିପିଏସ୍‌ଓଡିଏଲର ସୁରକ୍ଷା ଓ ଅନୁପାଳନ ଅଭିଯାନ ଅନୁଯାୟୀ ସମଗ୍ର ୮ଟି ଜିଲ୍ଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬୫୫ଟି ନୋଟିସ୍ ଜାରି ହୋଇଥିବା ବେଳେ କୋରାପୁଟରେ ୧୬୦, ମାଲକାନ-ଗିରିରେ ୧୩୧, ଗଜପତିରେ ୧୦୪, ନବରଙ୍ଗ ପୁରରେ ୮୩, ରାୟଗଡ଼ାରେ ୫୫ ଏବଂ ବୌଦ୍ଧ ଜିଲ୍ଲାରେ ୩୮ ଜଣଙ୍କୁ ନୋଟିସ୍ ଦିଆଯାଇଛି।

ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ କାର୍ଯ୍ୟ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ମରାମତି ଓ ରକ୍ଷଣାବେକ୍ଷଣ ତଥା ଜରୁରୀକାଳୀନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ବିଦ୍ୟୁତ ଅଧିନିୟମ ୨୦୦୩ ଏବଂ ସିଇଏ ସୁରକ୍ଷା ନିୟମ ୨୦୨୩ ଅନୁଯାୟୀ ଟିପିଏସ୍‌ଓ-ଡିଏଲ ଏହି ପଦକ୍ଷେପ ଗ୍ରହଣ କରିଛି। ଉପରୋକ୍ତ ଅଧିନିୟମ ଅନୁସାରେ ବିନା ଅନୁମତିରେ ଓଭରହେଡ୍ ବିଜୁଳି ତାର ନିକଟରେ କୌଣସି ବିଲ୍ଡିଂ କିମ୍ବା ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ, ଏଥିରେ ଖିଲାପ କଲେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇପାରେ କିମ୍ବା



ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଜନସାଧାରଣ ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା। ବିଦ୍ୟୁତ ତାର ନିକଟରେ ବେଆଇନ ନିର୍ମାଣ ବିପଦଜନକ ଏବଂ ଆଇନର ଅବମାନନା ଅଟେ। ଲୋକଙ୍କୁ ସଚେତନ କରିବା ସହ ଆଇନର ଅନୁପାଳନ କରିବା ଦିଗରେ ଆମେ ପ୍ରତିବଦ୍ଧ ବିଦ୍ୟୁତ ଲାଇନ ନିକଟରେ ନିର୍ମାଣ କାର୍ଯ୍ୟ ନ କରିବା ଏବଂ ପୂର୍ବରୁ ଆବଶ୍ୟକୀୟ ଅନୁମତି ନେବାକୁ ସମସ୍ତଙ୍କୁ ଅନୁରୋଧ କରୁଛୁ।

ଏହି ବିପଦଜନକ ପରିଣାମ ସମ୍ପର୍କରେ ଉପଭୋକ୍ତାଙ୍କୁ ସଚେତନ କରିବା ପାଇଁ ଟିପିଏସ୍‌ଓଡିଏଲ ଏକ ସଚେତନତା ଅଭିଯାନ ମଧ୍ୟ ଆରମ୍ଭ କରିଛି। ବିଶେଷ କରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠରେ ଗ୍ରାମସଭା, ଦୃଶ୍ୟଶ୍ରାବ୍ୟ ଭ୍ୟାନ୍, ପୋଷ୍ଟର, ପଥପ୍ରାନ୍ତ ନାଟକ ଏବଂ ଘରକୁ ଘର ବୁଲି ସଚେତନତା ଅଭିଯାନ କରାଯାଉଛି।

ବିଦ୍ୟୁତ ଲାଇନ ନିକଟରେ କୌଣସି ନିର୍ମାଣ କାମ ଆରମ୍ଭ କରିବା ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମୋଦନ ନେବାକୁ ଟିପିଏସ୍‌ଓଡିଏଲ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ କରା ଯାଇଛି ଏବଂ ଏସବୁ ଅନଧିକୃତ ନିର୍ମାଣ କାର୍ଯ୍ୟରୁ ଦୂରେଇ ରହିବା ପାଇଁ କୁହାଯାଇଛି। ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିପିଏସ୍‌ଓଡିଏଲ ସୂଚନା ଦେଇଛି।

ନୋଟିସ୍ ପାଇଥିବା ଉପଭୋକ୍ତାମାନେ ତୁରନ୍ତ ଏହାକୁ ସୁଧାରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ନୋଟିସର ଅବମାନନା କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସୋନପୁର ସହରରେ ନକଲି ନୋଟ ଗୁଜବ

**ସୋନପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ସହରର ବିଭିନ୍ନ ଜାଗାରେ ପାଞ୍ଚ ଶହ ଟଙ୍କିଆ ନକଲି ନୋଟ୍ ଦୋକାନରୁ ଦୋକାନ ଘୁରୁଥିବା ବିଷୟ ଚର୍ଚ୍ଚା ହେଉଛି। ଯାହା ଫଳରେ ଏକ କକୁଆ ଭୟ ସୃଷ୍ଟି ହୋଇଛି। ଏ ନକଲି ନୋଟ ଧରି ଦୋକାନମାନଙ୍କରେ ଜିନିଷ କିଣା ବିକା କରୁଥିବା ବେଳେ ଦୋକାନୀମାନେ ସେହି ଗ୍ରାହକକୁ ଫେରାଇ ଦେଇଥିବା ଖବର ମିଳୁଛି। କିନ୍ତୁ ଉକ୍ତ ଦୋକାନୀମାନେ ଏ ବିଷୟରେ ପୋଲିସକୁ ଅଭିଯୋଗ କରି ନ ଥିବା ଜଣାଯାଇଛି। ଉକ୍ତ ନୋଟ୍‌କୁ କାଉଣ୍ଟି ମେସିନରେ ଦେଲା ପରେ ଏହା ନକଲି ନୋଟ୍ ବୋଲି ଜଣା ପଡ଼ିଥିବା ଖବର ଲୋକଙ୍କ ମଧ୍ୟରେ ଗୁଞ୍ଜରଣ ହେଉଥିବା ଜଣାଯାଇଛି। ଏଥିରୁ ଅନୁମାନ କରାଯାଉଛି ଯେ ନିଶ୍ଚିତ ଭାବେ ଜଣେ ବଡ଼ ବ୍ୟବସାୟୀଙ୍କ ପାଖକୁ ଏ ନକଲି ନୋଟ୍ ବାଲା ଗ୍ରାହକ ଜିନିଷ କିଣିବାକୁ ଯାଇଛି।



## 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟା ଉନ୍ମୋଚିତ

# ଏବେ ସାରା ପୃଥିବୀ ମାନବିକତାର ସଙ୍କଟରେ ସମ୍ମୁଖୀନ ହେଉଛି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

'ଏବେ ସାରା ପୃଥିବୀ ମାନବିକତାର ସଙ୍କଟରେ ସମ୍ମୁଖୀନ ହେଉଛି। ଧର୍ମ ଧର୍ମ ମଧ୍ୟରେ ସଂଘର୍ଷ ଓ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଦ୍ୱାରା ଲକ୍ଷଲକ୍ଷ ମଣିଷ ହତାହତ ହେଉଛନ୍ତି। ଗରିବ, ନିଷ୍ପେସିତ, ଖଟିଖିଆ ଓ ଦିନ ମଜୁରିଆମାନଙ୍କ ଜୀବନ ହା-ହୁତାସମୟ ହୋଇଉଠୁଛି । ମାନବିକ ମୂଲ୍ୟବୋଧ ରସାତଳଗାମୀ ହେଲାଣି' ବୋଲି ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟ ପତ୍ରିକା 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟା ଉନ୍ମୋଚନ ଉପଲକ୍ଷେ 'ମାନବିକତାରେ ସଙ୍କଟ' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅବସରରେ ବହୁ ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି। ବୁଧବାର ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାକକ୍ଷରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପ୍ରଥିତଯଶା କବି ତଥା



ବୈଜ୍ଞାନିକ ଡଃ ଆଶୁତୋଷ ପରିଡ଼ା କହିଲେ 'ମାନବାଧିକାର ଓ ମାନବିକ ଗୁଣାବଳୀର ବିକାଶ ପାଇଁ ସାହିତ୍ୟ ଯେଉଁ ଭୂମିକା ପାଳନ କରିଛି ସାମ୍ପ୍ରତିକ ସମୟରେ ଏହି କ୍ଷେତ୍ରରେ ସୃଷ୍ଟି ହୋଇଥିବା ସଙ୍କଟର ସମ୍ମୁଖୀନ ହେବା ପାଇଁ ଏକ ସାମାଜିକ ଆନ୍ଦୋଳନ ଗଢିତୋଳିବା ଏକା ଜରୁରୀ।' ଏହି ଉତ୍ସବରେ ସୁନାମ-ଧନ୍ୟ ସାହିତ୍ୟ ସମାଲୋଚକ, ଗବେଷକ ଓ ପ୍ରାବନ୍ଧିକ ଡ. ବେଣୁଧର ପାଢୀ ମୁଖ୍ୟବକ୍ତା ଓ ବିଶିଷ୍ଟ କବି ଓ ପ୍ରାବନ୍ଧିକା ଡ. ଇଶ୍ୱିତା ଷଡ଼ଙ୍ଗୀ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ମାନବିକାତର ସଙ୍କଟ ଉପରେ ଆଲୋକପାତ କରିଥିଲେ। 'ଯୁଗ ପ୍ରବର୍ତ୍ତକ'ର ସମ୍ପାଦକ ରାଜେନ୍ଦ୍ର ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ପ୍ରଗତିବାଦୀ କବି ଓ ସ୍ତମ୍ଭକାର ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଏହା ପରେ 'ଯୁଗ ପ୍ରବର୍ତ୍ତକ'ର ବିଷୁବ ସଂଖ୍ୟାର ଉନ୍ମୋଚନ ହୋଇଥିଲା।

ଏହା ପରେ କବୀ ଶ୍ରୁତିକ୍ରୀତି ତ୍ରିପାଠୀ ଓ ହରିପ୍ରିୟା ମହାନ୍ତିଙ୍କ ସଂଯୋଜନାରେ ମାନବିକତାରେ ସଙ୍କଟ ଶୀର୍ଷକ ବିଷୟବସ୍ତୁ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଯୁଗ ପ୍ରବର୍ତ୍ତକର ଲେଖକମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯିବା ପରେ ଅନୁଷ୍ଠାନ ପକ୍ଷରୁ ଗତ ୨୩ ଜାନୁଆରୀରେ ଅନୁଷ୍ଠିତ ନେତାଜୀ ଜୟନ୍ତୀ ଓ ଗତ ୨୩ ମାର୍ଚ୍ଚ ଦିନ ଅନୁଷ୍ଠିତ ଶହୀଦ ଭଗତସିଂ ଫାଶୀ ଦିବସ ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ-କାରୀ ଚିତ୍ରଶିଳ୍ପୀମାନଙ୍କୁ ସ୍ମୃତି ଫଳକ ଓ ସାର୍ଟିଫିକେଟ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପତ୍ରିକାର ସହ ସମ୍ପାଦିକା ଗାଳ୍ପିକା ପ୍ରବାସନୀ ରାଉଳ ସଭା ପରିଚାଳନା କରିଥିଲେ। ସମ୍ବର୍ଦ୍ଧିତ ଲେଖକମାନଙ୍କ ମଧ୍ୟରେ ଅଧ୍ୟାପକ ନୀଳମଣି ସାହୁ, ସୁନନ୍ଦା ମହାପାତ୍ର, ମାନଗୋବିନ୍ଦ ବାରିକ, ରମାକାନ୍ତ ସାମନ୍ତରାୟ, ହରପ୍ରିୟା ମହାନ୍ତି, ବାସନ୍ତି ମହାନ୍ତି, ସୁଲୋଚନା ମହାରଣା, ଆନ୍ନା ମାର୍ଣ୍ଡି, ସୁଜାତା ପତି, ସଙ୍ଗୀତା ପତି, ଚିନ୍ମୟୀ ବାରିକ, ସରସି ଦାସ, ମିଠୁ ଚକ୍ରବର୍ତ୍ତୀ, ଦିନେଶ ଲେଙ୍କା, ଦିନେଶ ନାଏକ, ଲକ୍ଷ୍ମଣ ନାୟକ, ରାକେଶ କୁମାର ଦାସ, ଗିରୀଶ ଚନ୍ଦ୍ର ବେହେରା ଓ ମୀନତି ଦାସ ଅନ୍ୟତମ । ସମ୍ବର୍ଦ୍ଧିତ ଚିତ୍ରଶିଳ୍ପୀମାନେ ହେଲେ ସୋଫିଆୟାସୀନ, ଗତିକୃଷ୍ଣ ନାଏକ, ଜ୍ୟୋର୍ତି ଦେବ ସିଂହ, ପ୍ରଣବ ରଞ୍ଜନ ଚିନ୍ନାରା, ଦିପ୍ତୀମୟୀ ଚମ୍ପତି, ଜସ୍ମୀନ ସ୍ୱାତୀରାଜ, ସିନୁଲତା ଦାସ, ଆଦିତ୍ୟ ସେଠୀ, ଅନନ୍ୟା ପ୍ରିୟଦର୍ଶନୀ, ବୈଶାଖୀ ନାୟକ, ବିକାଶ ପଣ୍ଡା, ପ୍ରକାଶ ପରିଡ଼ା, ଦୀପଙ୍କର ରାୟ, କେଦାର ନାୟକ, ଶିବା ମଣ୍ଡଳ, ଦିବ୍ୟଜ୍ୟୋତି କୌର, ଅମୂଲ୍ୟ ରତନ ପଣ୍ଡା, ରେନେସାଁ ମହାନ୍ତି, କେନିସା ବରାଳ, ସାଇ ଅତ୍ରେୟ ଦାସ, ଅନୁରାଗ ଦାସ, ସୁରାଳି ପଣ୍ଡା ପ୍ରମୁଖ। ଶେଷରେ ପତ୍ରିକାର ସହସମ୍ପାଦକ ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିବା ବେଳେ କବି ସୁଭାଶ୍ରୀ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ।

# ବିଶିଷ୍ଟ ସମାଜସେବୀ କିଶୋର ସାମଲଙ୍କ ପରଲୋକ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ କଂଗ୍ରେସ ନେତା, ଚୌଦ୍ୱାର ମ୍ୟୁନିସିପାଲିଟି ୧ ନମ୍ବର ୱାର୍ଡ଼ର ପୂର୍ବତନ କାଉନସିଲର, ଜଣାଶୁଣା ସମାଜସେବୀ ତଥା ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦର ଉପସଭାପତି କିଶୋର ସାମଲଙ୍କର ବୁଧବାର ସକାଳେ ତାଙ୍କ ବାସ-ଭବନରେ ପରଲୋକ ହୋଇ ଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ, ପୁତ୍ର, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଶ୍ରୀ ସାମଲଙ୍କ ମୃତ୍ୟୁ ଖବର ପ୍ରଚରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନଗର କଂଗ୍ରେସ ସଭାପତି ବିଜୟ ବେହେରା, ସମ୍ପାଦକ ହରିହର ପରିଡ଼ା, କଟକ ଜିଲ୍ଲା ଯୁବ କଂଗ୍ରେସ କର୍ମକର୍ତ୍ତା ଜିନେଶ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ପଟୁଆରରେ ଚୌଦ୍ୱାର ଗ୍ରାମ ଓ ବଜାର ପରିକ୍ରମା କରାଯିବା ପରେ ଘଟେଶ୍ୱର ଶ୍ମଶାନ ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଆନନ୍ଦ ସାମଲ ମୁଖାଗ୍ନି ଦେଇଥିଲେ। ଶ୍ରୀ ସାମଲ ଚୌଦ୍ୱାର ଅଞ୍ଚଳର ସମସ୍ତ



ପ୍ରକାର ବିକାଶ କାର୍ଯ୍ୟକ୍ରମରେ ଓତପ୍ରୋତଃ ଭାବେ ଜଡ଼ିତ ରହିଥିଲେ ଏବଂ ବିଭିନ୍ନ ସମୟରେ ଅଞ୍ଚଳର ବିକାଶ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସୁଥିଲେ। ଚୌଦ୍ୱାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପ୍ରତିଷ୍ଠା ଠାରୁ ଆରମ୍ଭ କରି ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗୀୟ ରାଜକିଶୋର ରାମଙ୍କ ପ୍ରତିମୂର୍ତ୍ତି ମହାବିଦ୍ୟାଳୟ ପରିସରରେ ପ୍ରତିଷ୍ଠା କରିବାରେ ସେ ସକ୍ରିୟ ସହଯୋଗ ସହ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ବିବେକାନନ୍ଦ ଜେନା, ସମ୍ପାଦକ କେଶବ ଚନ୍ଦ୍ର ସାହୁ, ବରିଷ୍ଠ କର୍ମକର୍ତ୍ତା ମୁରଲୀଧର ବେହୁରା, ସୌମିତ୍ର ସ୍ୱାଇଁ, ଝୁଲେନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ମହାପାତ୍ର, ବିଭୂତି ସାହୁ, କ୍ଷୀରୋଦ ବେହେରା, ବିଚିତ୍ରାନନ୍ଦ ସାହୁ, ଅଞ୍ଜନ ଜେନା, ଅକ୍ଷୟ ଭୂୟାଁ, ଶ୍ରୀନିବାସ ସାହୁ, ଅଜୟ ବଳ ପ୍ରମୁଖ ସ୍ୱର୍ଗତ ସାମଲଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଭୁବନେଶ୍ୱର
୮ ମଇ, ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27















ଶତ୍ରୁ ପକ୍ଷର ଆକ୍ରମଣରୁ ବର୍ତ୍ତିବା ପାଇଁ ରାଜଧାନୀ ଭୁବନେଶ୍ୱରରେ ଚାଲିଛି ଯୁଦ୍ଧ ପୂର୍ବବର୍ତ୍ତୀ ମକଡ୍ରିଲ୍। (ଫଟୋ : ସମ୍ବାଦ କଳିକା)

## ଦୀଘା 'ଜଗନ୍ନାଥ ଧାମ' ନାମକରଣ ବିବାଦ

# ଇସ୍କନ ମାୟାପୁରୀର ଅଧ୍ୟକ୍ଷଙ୍କୁ ଚିଠି ଲେଖିଲେ ଗଜପତି ମହାରାଜା

**ପୁରୀ, ୭।୫ ନ୍ୟୁଜ ବ୍ୟୁରୋ**


ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ଦୀଘା ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ବା ଟ୍ରଷ୍ଟି ହେଉଛି ଇସ୍କନ। ଇସ୍କନକୁ ଚିଠି ଲେଖିଛନ୍ତି ଗଜପତି ମହାରାଜା। ଇସ୍କନ ମାୟାପୁରୀର ପରିଚାଳନା ମୁଖ୍ୟ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ଚିଠିରେ ଗଜପତି ମହାରାଜ ଜଣାଇଛନ୍ତି ଯେ, ଶ୍ରୀକ୍ଷେତ୍ର ବ୍ୟତୀତ ଆଉ କୌଣସି ସ୍ଥାନ କିମ୍ବା ମନ୍ଦିରକୁ ଜଗନ୍ନାଥ ଧାମ କୁହାଯିବା ଉଚିତ୍



ନୁହେଁ। ସନାତନ ବୈଦିକ ଧର୍ମର ସର୍ବୋଚ୍ଚ ଧାର୍ମିକ ଅଧିକାରୀ ହେଉଛନ୍ତି ପରମ ପୂଜ୍ୟ ଜଗତଗୁରୁ ଶଙ୍କରାଚାର୍ଯ୍ୟ। ସେହିପରି ଜଗତଗୁରୁ ଶଙ୍କରାଚାର୍ଯ୍ୟ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓ ସଂସ୍କୃତିର ଆଦି ଗୁରୁ ଏବଂ ପରମଗୁରୁ। ମୁକ୍ତିମଣ୍ଡପ ପଣ୍ଡିତ ସଭା କହିଛନ୍ତି ଦୀଘାର ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଭାବରେ ନାମିତ କରାଯାଇପାରିବ ନାହିଁ। ଶ୍ରୀଜଗନ୍ନାଥ ଧାମ୍, ଶ୍ରୀ ପୁରୁଷୋତ୍ତମ ଧାମ ବା କ୍ଷେତ୍ର, ଶ୍ରୀକ୍ଷେତ୍ର ଏବଂ ଶ୍ରୀ ନୀଳାଚଳ ଧାମ ପରି ନାମକରଣ କେବଳ ପୁରୀରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମୂଳ ପୀଠକୁ ବୁଝାଏ। ଅନ୍ୟ କୌଣସି ସ୍ଥାନ କିମ୍ବା ମନ୍ଦିର ପାଇଁ ଏହା ବ୍ୟବହାର ହୋଇପାରିବ ନାହିଁ ବୋଲି ଚିଠିରେ ଦର୍ଶାଇଛନ୍ତି। ସେହିପରି ଦୀଘାକୁ 'ଜଗନ୍ନାଥ ଧାମ' ନାମକରଣ ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜିଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ 'ଜଗନ୍ନାଥ ଧାମ'ର ନାମ ପବିତ୍ର ଓ ସ୍ୱତନ୍ତ୍ର । ଏହି ନାମ ପୁରୀ ସହିତ ଜଡିତ ରହିଛି । ଏହି ନାମକୁ ଅନ୍ୟ କୌଣସି ମନ୍ଦିର କିମ୍ବା ସ୍ଥାନ ସହ ଯୋଡିବା ଠିକ ନୁହେଁ । ଏଭଳି କଲେ କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ପାଇବ। ଚାରି ଧାମରୁ ଶ୍ରେଷ୍ଠ ଧାମ ପୁରୀ । ସେଥିପାଇଁ ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ କୁହା ନ ଯାଉ ବୋଲି ଚିଠିରେ ଦର୍ଶାଇଛନ୍ତି ମୁଖ୍ୟମନ୍ତ୍ରୀ।

# ଦୀଘା ମନ୍ଦିର ପ୍ରତିଷ୍ଠାର ମୁଖ୍ୟ କାରଣ ଅର୍ଥ ପ୍ରଲୋଭନ: ଜଗତଗୁରୁ ଶଙ୍କରାଚାର୍ଯ୍ୟ

**ଭୁବନେଶ୍ୱର, ୦୭/୦୫ ନ୍ୟୁଜ ବ୍ୟୁରୋ**



ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗ ନେଇ ମୁହଁ ଖୋଲିଛନ୍ତି ଜଗତଗୁରୁ ଶଙ୍କରାଚାର୍ଯ୍ୟ। ପୁରୀ ଶଙ୍କରାଚାର୍ଯ୍ୟ ମଠର ପୀଠାଧିଶ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ କହିଛନ୍ତି, ପୂର୍ବରୁ ଏଭଳି ଚକ୍ରାନ୍ତ ହୋଇଥିଲା କିନ୍ତୁ ଏହାକୁ ମୁଁ ସମ୍ପୂର୍ଣ୍ଣ ବାରଣ କରିଥିଲି। ମହାପ୍ରଭୁଙ୍କୁ ସର୍ବପ୍ରଥମେ ବ୍ରହ୍ମା ପ୍ରତିଷ୍ଠା କରିଥିଲେ। ପରେ ପୁନର୍ବାର ଦାରୁବ୍ରହ୍ମଙ୍କୁ ଶଙ୍କରାଚାର୍ଯ୍ୟ ଭଗବାନ ପ୍ରତିଷ୍ଠା କଲେ। ତେବେ ଅସ୍ତିତ୍ୱ ନାଁରେ ଖେଳ ଖେଳିବା ଉଚିତ୍ ନୁହେଁ। ସେ ଆହୁରି ମଧ୍ୟ କହିଛନ୍ତି, ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାରରେ ଅଛନ୍ତି । ପୁରୀ ପଣ୍ଡା ଏବଂ ଦୋକାନୀମାନଙ୍କ ଆମଦାନୀ ପଶ୍ଚିମବଙ୍ଗରୁ ହିଁ ହେଉଛି। ଏଣୁ ସେ ଚାଲାକ୍‌ର ସହିତ ସେଠାରେ ମନ୍ଦିର ସ୍ଥାପିତ କରିଛନ୍ତି। ପଶ୍ଚିମବଙ୍ଗର ଭକ୍ତମାନେ ପୁରୀ ଯାଇ ଦାନ ଦକ୍ଷିଣା ଦେଉଛନ୍ତି। ଏହାଦ୍ୱାରା ଜୀବିକା ହିଁ ବଙ୍ଗଳା ଦ୍ୱାରା ଚାଲିଛି । ଏହି ମନ୍ଦିର ପ୍ରତିଷ୍ଠାର ମୁଖ୍ୟ କାରଣ ଅର୍ଥ ପ୍ରଲୋଭନ ରହିଛି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

# ସମ୍ଭାବ୍ୟ ଯୁଦ୍ଧ ପାଇଁ ବିଏମ୍‌ସି ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



**ଭୁବନେଶ୍ୱର, ୦୭/୦୫ ନ୍ୟୁଜ ବ୍ୟୁରୋ**

ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲାଯାଇଛି। ସିଭିଲ ଡିଫେନ୍ସର ମକଡ୍ରିଲ୍ ପାଇଁ ଏହା କାମ କରିବ । ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ବିଏମସିର ଏହି କଣ୍ଟ୍ରୋଲରୁମ ବୁଲି ତଦାରଖ କରିଛନ୍ତି । ଯୁଦ୍ଧ ପରିସ୍ଥିତି ସମୟରେ ସମ୍ଭାବ୍ୟ ଆକାଶ ମାର୍ଗ ଆକ୍ରମଣରୁ ଧନଜୀବନ ସୁରକ୍ଷା ନିମନ୍ତେ ବିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ପରାମର୍ଶକ୍ରମେ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।

ବିଏମ୍‌ସି ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟରରେ ହୋଇଥିବା ପ୍ରସ୍ତୁତି ଖୋର୍ଦ୍ଧା ଜିଲ୍ଲାପାଳ ବୁଲି ଦେଖିଥିଲେ । ଆକ୍ରମଣ ସମୟରେ ତ୍ୱରିତ ପଦକ୍ଷେପ ସହ ଯୋଗଯାଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଛନ୍ତି । ଏହି ଅବସରରେ ବିଏମ୍‌ସି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ୧୯୨୯ରେ ଯୋଗାଯୋଗ କରିବାକୁ ଜନ ସାଧାରଣଙ୍କୁ ସେ ପରାମର୍ଶ ଦେଇଛନ୍ତି । ଏଥିପ୍ରତି ସଜାଗ ରହିବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମକଡ୍ରିଲ ସମ୍ପର୍କିତ ପ୍ରସ୍ତୁତି ପାଇଁ ଆଲୋଚନା କରିଛନ୍ତି । ଏଥିରେ ଡାକ୍ତରୀ, ଅଗ୍ନିଶମ ସେବା, ସିଭିଲ ଡିଫେନ୍‌ସ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହଯୋଗର ଆବଶ୍ୟକତା ଥିବା ଦୃଷ୍ଟିରୁ ଏନେଇ ଜିଲ୍ଲାପାଳ ଶ୍ରୀ ରାଣା ଭିଡିଓ କନଫରେନ୍‌ସି ମାଧ୍ୟମରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଏହି ଅବସରରେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ସାଫଲ୍ୟମଣ୍ଡିତ ପ୍ରଧାନ, ଭୁବନେଶ୍ୱର ଉପଜିଲ୍ଲାପାଳ ଡକ୍ଟର ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସୀମାନ୍ତରେ ଦେଶ ପାଇଁ ଲଢୁଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ଡାଙ୍ଗମାଳର ଦୁଇ ବୀରପୁତ୍ର

**ରାଜନଗର, ୭/୫ ନ୍ୟୁଜ ବ୍ୟୁରୋ**

ପାକିସ୍ତାନୀ ଆତଙ୍କବାଦୀଙ୍କ ବର୍ବରୋଚିତ ଗୁଳିକାଣ୍ଡରେ ପହଲଗାମରେ ୨୮ଜଣ ଭାରତୀୟ ପର୍ଯ୍ୟଟକ ସହିଦ ହୋଇଛନ୍ତି । ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଓ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ଉପରେ ମଙ୍ଗଳବାର ବିଳମ୍ବିତ ରାତିରେ ଭାରତୀୟ ବୀର ଯବାନମାନେ ଆକ୍ରମଣ କରିଛନ୍ତି । ଏହି ଆକ୍ରମଣରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ମାଟିରେ ମିଶିଛି । ପାକିସ୍ତାନ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରିଛି। ଏଲଓସିରେ ଗୁଳି ବିନିମୟ ଜାରି ରହିଛି । ଭାରତୀୟ ସୈନ୍ୟଙ୍କ ଆକ୍ରମଣରେ ସାରା ଭାରତରେ ଖୁସିର ଲହରୀ ଖେଳି ଯାଇଥିବା ବେଳେ ରାଜନଗର ବ୍ଲକ ଡାଙ୍ଗମାଳରେ ଖୁସି ଟିକେ ଅଧିକ ରହିଛି । ଡାଙ୍ଗମାଳର ଦୁଇ ବୀର ଯବାନ ଜମ୍ମୁ-କଶ୍ମୀରରେ ନିୟୋଜିତ ରହିବା ସହ ଯୁଦ୍ଧରେ ନିୟୋଜିତ ଥିବାରୁ ଗାଁରେ ଓ ପରିବାରରେ ଖୁସିର ଲହରୀ ଖେଳିଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲା ଡାଙ୍ଗମାଳ ଗାଁର ସଦାଶିବ ବେଦୀ ଓ ଶ୍ୟାମାମଣି ବେଦୀଙ୍କ ବୀର ପୁତ୍ର ଶଶିକାନ୍ତ ବେଦୀ (୨୪ ବର୍ଷ)। ଶଶିକାନ୍ତ ଦୁଇ ବର୍ଷ ହେଲା ସେନାବାହିନୀରେ ବିଏସଏଫ ଯବାନ ଭାବେ ଭାରତ ମାଆର ସେବା କରୁଛନ୍ତି । ପହଲଗାମ ଆକ୍ରମଣ ପରେ ସେଠାରେ ସର୍ଚ୍ଚ ଅପରେସନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ ଶଶିକାନ୍ତ। କଶ୍ମୀରର ବାରବୁଲାର ପହଲଗାମରେ ଏବେ ସେ ନିୟୋଜିତ ଅଛନ୍ତି। ମଙ୍ଗଳବାର ରାତି ପ୍ରାୟ ୮ ଘଟିକା ସମୟରେ ତାଙ୍କ ବାପାଙ୍କ ସହ କଥାହେବା ସହ ବ୍ୟସ୍ତ ଥିବା କହିଥିବା ତାଙ୍କ ବାପା ସଦାଶିବ ବେଦୀ କହିଛନ୍ତି । ପୁଅ ଦେଶ ପାଇଁ ସେବା କରୁଥିବାରୁ ଘଡ଼ିସନ୍ଧି ମୁହୂର୍ତ୍ତରେ ସୀମାରେ ନିୟୋଜିତ ଥିବାରୁ ସଦାଶିବ ବୀର ଯବାନଙ୍କ ବାପା ଭାବରେ ନିଜକୁ ଗର୍ବ ଅନୁଭବ ହେଉଥିବା କହିଛନ୍ତି। ଘରେ ତାଙ୍କର ଜେଜେ ମା' ତୁଳସୀ ବେଦୀ, ସାନ ଭାଇ ସୂର୍ଯ୍ୟକାନ୍ତ ଓ ସାନ ଭଉଣୀ ସ୍ୱାଗତିକ ଅଛନ୍ତି । ସମସ୍ତେ ବୀର ଯବାନଙ୍କ ଭାଇ, ଜେଜେମା' ଭାବେ ନିଜକୁ ଭାଗ୍ୟବାନ ମନେ କରୁଥିବା କହିବା ସହ ଆତଙ୍କବାଦୀଙ୍କୁ ସହଯୋଗ କରିଥିବା ପାକିସ୍ତାନକୁ କଡା ଜବାବ ଭାରତୀୟ ସେନା ଦେବେ ଓ ଭାରତର ନିଶ୍ଚିତ ବିଜୟ ହେବ ବୋଲି କହିଛନ୍ତି । ଡାଙ୍ଗମାଳ ଗାଁର ଦୁଇ ବୀର ଯବାନ ଦେଶ ପାଇଁ ଯୁଦ୍ଧରେ ସାମିଲ ଅଛନ୍ତି । ଭାରତ ମାଆର ସେବା କରୁଛନ୍ତି । ପହଲଗାମ ଆକ୍ରମଣ ପରେ ଆମ ଗାଁର ବୀର ଯବାନ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିବା ଆମ ଗାଁ ପାଇଁ ଗୌରବର ବିଷୟ । ଭାରତ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ପାକିସ୍ତାନକୁ ଉଚିତ ଜବାବ ଦେବ, ଆମର ବୀର ପୁତ୍ର ବିଜୟ ଟୀକା ପିନ୍ଧି ଫେରିବେ, ଭାରତର ବିଜୟ ହେବ। ସେଥିପାଇଁ ଅଞ୍ଚଳର ଆରାଧ୍ୟା ଦେବୀ ମାଆ ଜୟଦୁର୍ଗାଙ୍କ ପୀଠରେ ଦୀପଦାନ ଓ କୀର୍ତ୍ତନ କରାଯାଉଛି ବୋଲି ଗାଁର ମୁରବୀ ଲକ୍ଷ୍ମୀଧର ବାରିକ, ପ୍ରଭାତ କୁମାର ବେହେରା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା କହିଛନ୍ତି। ଡାଙ୍ଗମାଳ ଗାଁର ପ୍ରିୟବ୍ରତ ବେହୁରା (୪୫ ବର୍ଷ) । ପ୍ରିୟବ୍ରତ ୨୦୦୨ ମସିହାରୁ ବିଏସଏଫ ଯବାନ ଭାବେ କାର୍ଯ୍ୟରତ । ରାଜସ୍ଥାନର ଜସନମୀରରେ ସେ ନିୟୋଜିତ ଥିଲେ। ମାସେ ତଳେ ତାଙ୍କର କଶ୍ମୀରର କୁପୱାଡାକୁ ବଦଳି ହୋଇଛି । ସେଠାରେ ବିଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, କମ୍ପାନୀ କମାଣ୍ଡର ଭାବେ ସେ କାର୍ଯ୍ୟ କରୁଛନ୍ତି । ତାଙ୍କ ନେତୃତ୍ୱରେ ଯବାନ ଟିମ୍ ଏଲଓସିରେ ଭାରତକୁ ସୁରକ୍ଷା ଦେଉଛନ୍ତି। ଭାରତ ମାଆର ସେବା ପାଇଁ ସେ ନିୟୋଜିତ ଅଛନ୍ତି, ଭାଇ ପାଇଁ ପୁରା ପରିବାର ଗର୍ବିତ ବୋଲି ତାଙ୍କ ସାନଭାଇ ପ୍ରୀତି ରଞ୍ଜନ କହିଛନ୍ତି । ଘରେ ପତ୍ନୀ, ପୁଅ, ଝିଅ, ବୁଢୀ ମାଆଙ୍କ ସହିତ ଦୁଇ ଭାଇ, ଦୁଇ ଭଉଣୀ ଅଛନ୍ତି। ଡାଙ୍ଗମାଳ ଗାଁର ଦୁଇ ବୀର ଯବାନ ଦେଶ ପାଇଁ ଯୁଦ୍ଧରେ ସାମିଲ ଅଛନ୍ତି । ଭାରତ ମାଆର ସେବା କରୁଛନ୍ତି । ପହଲଗାମ ଆକ୍ରମଣ ପରେ ଆମ ଗାଁର ବୀର ଯବାନ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ରହିବା ଆମ ଗାଁ ପାଇଁ ଗୌରବର ବିଷୟ । ଭାରତ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳୀ ପାକିସ୍ତାନକୁ ଉଚିତ ଜବାବ ଦେବ, ଆମର ବୀର ପୁତ୍ର ବିଜୟ ଟୀକା ପିନ୍ଧି ଫେରିବେ, ଭାରତର ବିଜୟ ହେବ। ସେଥିପାଇଁ ଅଞ୍ଚଳର ଆରାଧ୍ୟା ଦେବୀ ମାଆ ଜୟଦୁର୍ଗାଙ୍କ ପୀଠରେ ଦୀପଦାନ ଓ କୀର୍ତ୍ତନ କରାଯାଉଛି ବୋଲି ଗାଁର ମୁରବୀ ଲକ୍ଷ୍ମୀଧର ବାରିକ, ପ୍ରଭାତ କୁମାର ବେହେରା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା କହିଛନ୍ତି ।

# ଭାରତୀୟ ସେନାର ପଦକ୍ଷେପକୁ ପ୍ରଶଂସା କଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୭/୫ ନ୍ୟୁଜ ବ୍ୟୁରୋ**

ପହଲଗାମ ଆତଙ୍କବାଦୀ ଆକ୍ରମଣର ଭାରତୀୟ ସେନାର ପ୍ରତିଶୋଧକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ସେ ଭାରତୀୟ ସେନାର ପଦକ୍ଷେପକୁ ପ୍ରଶଂସା କରିବା ସହ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇଛନ୍ତି। ଅପରେସନ୍ ସିନ୍ଦୂର ଜରିଆରେ ଭାରତୀୟ ସେନା ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରି ବହୁ ଆତଙ୍କୀଙ୍କୁ ନିହତ କରିଛନ୍ତି। ଭାରତର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାପଡିଛି ଯେ, ଭାରତୀୟ ସଶସ୍ତ୍ର ବାହିନୀ ପାକ୍ ଅଧିକୃତ କଶ୍ମୀର (ପିଓକେ) ଏବଂ ପାକିସ୍ତାନର ୯ଟି ଭିନ୍ନ ଭିନ୍ନ ସ୍ଥାନରେ ଅବସ୍ଥିତ ପ୍ରାୟ ଏକ ଡଜନ ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରାଯାଇଛି। ଭାରତୀୟ ବାୟୁସେନା ମଙ୍ଗଳବାର ବିଳମ୍ବିତ ରାତିରେ ପାକ୍ ଅଧିକୃତ କଶ୍ମୀର ଏବଂ ପାକିସ୍ତାନରେ ଥିବା ଅନେକ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଛି। ଭାରତୀୟ ସଶସ୍ତ୍ର ବାହିନୀ ଭାରତ ଉପରେ ଅନେକ ଆକ୍ରମଣ ପଛରେ ଥିବା ଏହି ଆତଙ୍କବାଦୀ ଶିବିରଗୁଡ଼ିକୁ ଚିହ୍ନଟ କରି ଟାର୍ଗେଟ କରିଥିଲା।

# ପାକିସ୍ତାନ ପାଲଟା ଆକ୍ରମଣ କଲେ ତା'ର ଚିହ୍ନବର୍ଣ୍ଣ ରହିବନି: ଆଇନ୍ ମନ୍ତ୍ରୀ

**ଭୁବନେଶ୍ୱର, ୭/୫ ନ୍ୟୁଜ ବ୍ୟୁରୋ**

ବୁଧବାର ଭାରତବର୍ଷ ପାଇଁ ଗର୍ବ ଓ ଗୌରବର ଦିନ। ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ପ୍ରତିଶୋଧ ନେଇ ଆତଙ୍କୀବାଦ ଆଡ୍ଡା ଧ୍ୱଂସ କରାଯାଇଛି। ଏହା ଭାରତୀୟ ସେନାର ପାରଦର୍ଶିତା ବିଶ୍ୱରେ ପୁଣି ଜଣାଇଦିଆଗଲା। ଗୋଟେ ଭାରତୀୟକୁ ହାତ ଉଠାଇଲେ, ସାରା ଦେଶ ଜବାବ ଦେବ। ବୁଧବାର ପହଲଗାମ ପ୍ରତିଶୋଧ ନେଇ ପ୍ରତିକ୍ରିୟାରେ କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ବିଶ୍ୱ ଚକିତ ଓ ଆନନ୍ଦିତ। କାରଣ ଆତଙ୍କବାଦ ଉପରେ ପାଲଟା ଆକ୍ରମଣ ଭାରତ କରିଛି। ଭାରତର ପ୍ରତିପତ୍ତି ବଢ଼ିବ। ପ୍ରତିଆକ୍ରମଣ ପାଇଁ ଭାରତ ତଥା ଓଡ଼ିଶା ବି ପ୍ରସ୍ତୁତ ଅଛି। ପାକିସ୍ତାନ ପାଲଟା ଆକ୍ରମଣ କଲେ ତା'ର ଚିହ୍ନବର୍ଣ୍ଣ ରହିବନି ଏକଥା ସେ ଭଲକି ଜାଣିଛନ୍ତି। ତେଣୁ ସେଭଳି ଦୁଃସାହସ ସେମାନେ କରିବେନି। କରିଲେ ଭାରତର ଉଗ୍ର ରୂପ ଦେଖିବେ। ସେ ଆହୁରି କହିଛନ୍ତି, ଅପରେସନ ସିନ୍ଦୂର ନାଁ ଅର୍ଥ ଆତଙ୍କୀବାଦୀ ଯେଉଁ ଭାରତୀୟ ମହିଳାଙ୍କ ସିନ୍ଦୂର ଲିଭାଇଥିଲେ, ତାହାର ଜବାବ। ଏହା ସାମଗ୍ରିକ ଭାବେ ନାରୀ ଶକ୍ତି ଓ ମିଲିଟାରି ଅପରେସନ, ଯେଉଁଥିରେ କୌଣସି ନାଗରିକ ମରି ନାହାନ୍ତି, ଯାହା ଅନ୍ୟ କୌଣସି ଦେଶ କରିନି। ମିଲିଟାରି ଦକ୍ଷତାର ପରିଚୟ ଆସିଛି।

## ଏବେ ବଜାରରେ ଉପଲବ୍ଧ
## 'କଥାକଳିକା'ର ମେ'-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଭାସ୍କର ଜେନା
**ସମକାଳର କଥା :** ରୁମ୍‌ଝୁମ୍ ନାୟକ, ପ୍ରଣିତା ରାଣୀ ବେହେରା, ସୁଷମା ପରିଜା, ଚକ୍ରଧର ସାହୁ, ସୁକାନ୍ତି ରାଉତ, ସଚ୍ଚିଦାନନ୍ଦ କର, ଆନନ୍ଦ କୁମାର ମାଇତି, କାଳିକିଙ୍କର, ପଦ୍ମାଳୟା ପାଢ଼ୀ।
**ଅନ୍ୟ ଭାଷାର କଥା :** ନଗେନ୍ଦ୍ର ନାଥ ପଟ୍ଟନାୟକ।
**ଯୁବ ମାନସର କଥା :** ସ୍ନିଗ୍ଧା ନାୟକ, ଚନ୍ଦ୍ରକଳା ନାୟକ, ସଂଯୁକ୍ତା ତ୍ରିପାଠୀ, ଅଶୋକ କୁମାର ମିଶ୍ର, ସୁନନ୍ଦା ମହାନ୍ତି।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ବୁଡ଼ିଯିବ ଦେଶୀ ମାଣ୍ଡିଆ ବିହନ ! କୃଷି ବିଶେଷଜ୍ଞ ଓ ମାଣ୍ଡିଆ ରାଣୀଙ୍କ ଉଦ୍‌ବେଗ

**ଜୟପୁର, ୦୭/୦୫ ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ଦେଶୀ ମାଣ୍ଡିଆ ବିହନ ବୁଡ଼ିଯିବାର ଆଶଙ୍କା ସୃଷ୍ଟି ହୋଇଛି । କାରଣ ଶ୍ରୀଅନ୍ନ ଅଭିଯାନରେ ଏବେ ହାଇବ୍ରିଡ୍ ମାଣ୍ଡିଆ ବିହନ ଯୋଗାଣ ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର । ଜିଲ୍ଲାର ଚାଷୀଙ୍କ ଲାଗି ରାଜ୍ୟ ବିହନ ନିଗମକୁ ୬୧୭.୧୯ କୁଇଣ୍ଟାଲ ହାଇବ୍ରିଡ୍ ବିହନ ଯୋଗାଇବାକୁ ଚିଠି କରିଛନ୍ତି । ଏହା କାର୍ଯ୍ୟକାରୀ ହେଲେ ଦେଶୀ ମାଣ୍ଡିଆ ବିହନ ଲାଗି ଜିଲ୍ଲାକୁ ମିଳିଥିବା ସ୍ୱୀକୃତି ଆଉ ରହିବନି । ଦେଶୀ ଧାନ ଭଳି ଜିଲ୍ଲାରେ ପାରମ୍ପରିକ ମାଣ୍ଡିଆର ଅବସ୍ଥା ହେବ । ଏନେଇ ଚିନ୍ତା ପ୍ରକଟ କରିଛନ୍ତି କୃଷି ବିଶେଷଜ୍ଞ ଏବଂ ମାଣ୍ଡିଆରାଣୀ ଡ. ରାଇମତି ଘିଉରିଆ । ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ମୁଖ୍ୟ ଖାଦ୍ୟ ହେଉଛି ମାଣ୍ଡିଆ । ପୁଷ୍ଟିକର ଖାଦ୍ୟ ଭାବେ ଏହା ପରିଚିତ । ରାଜ୍ୟ ସରକାର ମିଲେଟ ମିଶନ ଆରମ୍ଭ କରିବା ପରେ ଜିଲ୍ଲାରେ ଏହାର ଉତ୍ପାଦନ ବଢ଼ିବାରେ ଲାଗିଛି । ସରକାର ପ୍ରୋତ୍ସାହନ ଦେଉଥିବାରୁ ଦେଶୀ ମାଣ୍ଡିଆ ବିହନ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରିଛନ୍ତି ଚାଷୀ। ମଣ୍ଡି ବ୍ୟବସ୍ଥା ସହ ସର୍ବନିମ୍ନ ମାଣ୍ଡିଆ ଦର ବଢ଼ାଯାଇଥିବାରୁ ଚାଷୀଙ୍କ ଆୟ ବଢ଼ିଛି। ସ୍ୱାମୀନାଥନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ପ୍ରଶାନ୍ତ ପରିଡ଼ା କହିଛନ୍ତି, ନିରନ୍ତର ଗବେଷଣାରୁ ଜଣାପଡ଼ିଛି ଦେଶୀ କିସମ ମାଣ୍ଡିଆରେ ଫାଇବର, ପ୍ରୋଟିନ୍, ଶକ୍ତି, ଫ୍ଲୋଭାନଏଡ୍‌ସ, ଭିଟାମିନ୍ ସି ଏବଂ ଆଣ୍ଟି ଅକ୍ସିଡାଣ୍ଟ ପରିମାଣ ଅଧିକ ରହିଛି। ଅନ୍ୟ ହାଇବ୍ରିଡ୍ କିସମ ଅପେକ୍ଷା ଏହା ଅଧିକ ପୁଷ୍ଟିକର । ସବୁଠାରୁ ବଡ଼ କଥା ହେଲା, ଜଳବାୟୁ ପରିବର୍ତ୍ତନଜନିତ ପରିସ୍ଥିତିର ସଫଳ ମୁକାବିଲା ପାଇଁ କୋରାପୁଟର ଦେଶୀ ମାଣ୍ଡିଆ ବେଶ୍ ଫଳପ୍ରଦ ସାବ୍ୟସ୍ତ ହୋଇଛି । ଦେଶୀ



ବିହନ ଏଠାକାର ଜଳବାୟୁ ଅନୁକୂଳ ଏବଂ ମରୁଡ଼ି ପ୍ରତିରୋଧକାରୀ । ଦେଶୀବିହନ ବ୍ୟବହାର ଯୋଗୁ ଜିଲ୍ଲାକୁ ୨୦୧୨ରୁ ଏଫଏକ୍ୟୁ ଦ୍ୱାରା ଜିଆଇଏଏଚ୍‌ଏସ୍ (ଗ୍ଲୋବାଲ ଇମ୍ପୋଟେଣ୍ଟ ଏଗ୍ରିକଲଚରାଲ୍ ହେରିଟେଜ୍ ସିଷ୍ଟମ)ର ସ୍ୱୀକୃତି ମିଳିଛି। ହାଇବ୍ରିଡ୍ ବିହନ ବ୍ୟବହାର କଲେ ମିଳିଥିବା ସ୍ୱୀକୃତିର ବିରୋଧାଭାଷ ହେବ । ଦେଶୀ ମାଣ୍ଡିଆ ବିହନ ଲାଗି କୋରାପୁଟ ଯେଉଁ ଗର୍ବ ଓ ଗୌରବ ଆଣିଛି ତାହା ନଷ୍ଟ ହୋଇଯିବ । ସରକାର ତୁରନ୍ତ ନିଷ୍ପତ୍ତି ବଦଳାଇ ପାରମ୍ପରିକ ଦେଶୀ ବିହନ ଯୋଗାଣ ଦିଗରେ ପଦକ୍ଷେପ ନେବା ଦରକାର। କାଳିଆ ମାଣ୍ଡିଆ, ତେଲୁଗୁ ମାଣ୍ଡିଆ, ଜାମ ମାଣ୍ଡିଆ, ଭାଲୁ ମାଣ୍ଡିଆ, ବଡ଼ତାରା ମାଣ୍ଡିଆ ଭଳି ଦେଶୀ ବିହନ ବି ଅଧିକ ଅମଳକ୍ଷମ। ଶ୍ରୀଅନ୍ନ ଅଭିଯାନ ଯୋଜନାରେ ଚାଷୀଙ୍କୁ ଏଭଳି ଅଧିକ ଅମଳକ୍ଷମ ଦେଶୀ ବିହନ ଯୋଗାଇ ଦିଆଯାଉ । ଚାଷୀମାନେ କହିଛନ୍ତି, ଏ ଅଞ୍ଚଳରେ ହାଇବ୍ରିଡ୍ ମାଣ୍ଡିଆ ଚାଷ ହୋଇନି । ନୂଆରେ ଏହାକୁ ଚାଷ କଲେ ଏଠାର ଜଳବାୟୁରେ ସଫଳ ହୋଇନପାରେ। ସେମାନଙ୍କ ଅନିଚ୍ଛା ସତ୍ତ୍ୱେ ହାଇବ୍ରିଡ ମାଣ୍ଡିଆ ବିହନ ଯୋଗାଇଲେ ବିରୋଧ କରାଯିବ । ଦରକାର ପଡ଼ିଲେ ଆନ୍ଦୋଳନ କରାଯିବ । ମାଣ୍ଡିଆରାଣୀ ଭାବେ ପରିଚିତ କୁନ୍ଦୁରା ବ୍ଲକର ରାଇମତି ଦେଶୀ ମାଣ୍ଡିଆ ବିହନ ସଂରକ୍ଷଣ କରିବା ସହ ଚାଷୀଙ୍କୁ ଉତ୍ସାହିତ କରିଆସୁଛନ୍ତି । ଏଥିଲାଗି ତାଙ୍କୁ ଓୟୁଏଟି ପକ୍ଷରୁ ଡକ୍ଟରେଟ୍ ଉପାଧି ମିଳିଛି। ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ସେ ବେଶ୍ ପରିଚିତ । ଏବେ ସରକାର ହାଇବ୍ରିଡ୍ ବିହନ ଯୋଗାଇବାକୁ ଚିଠି କରିବା ପରେ ଦେଶୀ ମାଣ୍ଡିଆର ଭବିଷ୍ୟତକୁ ନେଇ ସେ ଚିନ୍ତା ପ୍ରକଟ କରିଛନ୍ତି । ଡ. ରାଇମତି କହିଛନ୍ତି, ଯଦି ହାଇବ୍ରିଡ୍ ବିହନକୁ ସରକାର ପ୍ରୋତ୍ସାହିତ କରିବେ ତା'ହେଲେ ବହୁ ଦେଶୀ ଧାନ ଭଳି ଏହା ବି ଜିଲ୍ଲାରୁ ଲୋପ ପାଇଯିବ। ପାରମ୍ପରିକ ମାଣ୍ଡିଆ ବିହନ ସଂରକ୍ଷଣ ଲାଗି ସେ ଦୀର୍ଘବର୍ଷ ଧରି କରିଆସୁଥିବା ଉଦ୍ୟମ ବୃଥା ଯିବ। ଜିଲ୍ଲାର ଚାଷୀ ଦେଶୀ ବିହନ ବ୍ୟବହାର କରି ଅଧିକ ଅମଳ କରୁଛନ୍ତି । ଅଥଚ ସରକାର ହାଇବ୍ରିଡ୍ ବିହନ ମୋହରେ ପଡ଼ିଛନ୍ତି। ଜିଲ୍ଲାରେ ଅଧିକ ଅମଳକ୍ଷମ ଦେଶୀ ବିହନର ଅଭାବ ନଥିବାରୁ ସରକାର ହାଇବ୍ରିଡ୍ ବିହନ ଯୋଗାଣ ନିଷ୍ପତ୍ତିର ପୁନଃ ବିଚାର କରନ୍ତୁ । ସୂଚନାଥାଉ କି, ଜିଲ୍ଲାରେ ଉପଲବ୍ଧ ଥିବା ଦେଶୀ ମାଣ୍ଡିଆ ମଧ୍ୟରେ ରହିଛି ବଡକୁମୁଡ଼ା, ବଡ଼ତାରା, ବଡଚିଙ୍ଗୁଲ, ବାଟି, ଭାଡି, ବିରି, ଚିଲି, ଚିଲିକାଙ୍ଗରା ଚିରାୟୁ, ଡଙ୍ଗରଦେଇ, ଦୁଧାକରଙ୍ଗା, ଦଶହରା, ଜାମ, ଜନା, ଝିପା, କାଳିଆ, କାଙ୍ଗୁରୁ, କୁରକୁଟି, ଲଡୁ, ଲାଲସୁରା, ଲଙ୍କାମରିଚ, ଲିମକା, ମସକୁନି, ମୁଣ୍ଡେଇ ମୁସକୁଲ, ମୁରଦା, ପନକାଖଇ, ସାନତାରା, ଶିଲଜନା, ସୀତାଦେଲ, ସୁଲିଜହ୍ନ, ତୟା, ଟୁମୁରାଜାମ ମାଣ୍ଡିଆ, ଜନ ମାଣ୍ଡିଆ, ଦୁଶେରା ମାଣ୍ଡିଆ, ଭାଲୁ ମାଣ୍ଡିଆ, କାଳିଆ ମାଣ୍ଡିଆ, ବାଟି ମାଣ୍ଡିଆ, ସାନା ମାଣ୍ଡିଆ ଇତ୍ୟାଦି ।